

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 June 2024

Vol.No. 35 ■ No.157 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋହନ ମାଝୀ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ

## କନକ ବର୍ଦ୍ଧନ ଓ ପ୍ରଭାତୀ ପରିଡା ହେବେ ଉପମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର, ୧୧/୬ (ନି.ପ୍ର): ସସପେନ୍ସ ଉପରୁ ଉଠିଛି ପରଦା। ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ହେବେ ବରିଷ୍ଠ ବିଜେପି ନେତା ତଥା କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ସେ ଆସନ୍ତାକାଲି ଅପରାହ୍ଣ ୫ଟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଅନେକ କେନ୍ଦ୍ରମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମୋହନ ମାଝୀ କେନ୍ଦୁଝର ସଦରରୁ ୪ର୍ଥ ଥର ବିଜୟ ହାସଲ କରିଛନ୍ତି। ସେହିପରି ସେ ଜଣେ ଆଦିବାସୀ ନେତା ଭାବେ ବେଶ ପରିଚିତ। ସେହିପରି ପାଟଣାଗଡ଼ର ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଓ ନିମାପଡ଼ାର ବିଧାୟିକା ପ୍ରଭାତୀ ପରିଡ଼ା ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ହେବେ। ଏମାନେ ମଧ ଆସନ୍ତାକାଲି ଶପଥ ନେବେ। ଦଳର ସମସ୍ତ ବିଧାୟକମାନଙ୍କ ସମ୍ମତିରେ ଶ୍ରୀ ମାଝୀଙ୍କୁ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି । ଦୁଇଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଓ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଶ୍ରୀ ମାଝୀଙ୍କ ନାଁରେ ମୋହର ବାଜିଛି। ଦଳର ଦୁଇଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ପଦାଧିକାରୀ ଓ ସାଂସଦମାନଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ ମୁଖ୍ୟାଳୟରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି । ଦଳ ପକ୍ଷରୁ ଶ୍ରୀ ମାଝୀଙ୍କ ନାଁ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ସବୁ ବିଧାୟକ ଏକମତରେ ସମର୍ଥନ ଦେଇଥିଲେ । ଏହାସହିତ ଦୁଇଜଣ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ନାଁ ଉପରେ ସହମତି ହୋଇଥିଲା । ୫୩ବର୍ଷୀୟ ଶ୍ରୀ ମାଝୀ କେନ୍ଦୁଝର ଆସନରୁ ୨୦୦୦ ମସିହାରୁ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ୨୦୦୪-୦୯ ଓ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଧାୟକ ରହିଛନ୍ତି । ସେ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ମଧ କାର୍ଯ୍ୟ ତୁଲାଇ ସାରିଛନ୍ତି । ସେ ମେଂଟ ସରକାରରେ ୨୦୦୫ରୁ ୨୦୦୯ ମସିହା ପର୍ଯ୍ୟନ୍ତ ସରକାରୀ ଦଳର ଉପମୁଖ୍ୟ ସଚେତକ ଭାବେ ମଧ କାର୍ଯ୍ୟ କରିଥିଲେ । ବିଜେପି ପ୍ରଥମଥର ପାଇଁ ▶▶ପୃଷ୍ଠା ୭

# ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଲେ ମୋହନ ମାଝୀ



ଭୁବନେଶ୍ୱର, ୧୧/୬ (ନି.ପ୍ର): ବିଜେପି ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଥିବା ମୋହନ ମାଝୀ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହାପୂର୍ବରୁ ସେ ଆଜି ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛନ୍ତି। ସେ ରାଜ୍ୟପାଳଙ୍କୁ ଭେଟି ବିଧିବଦ୍ଧ ଭାବେ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ତାଙ୍କ ସହ ସମସ୍ତ ୭୮ ଜଣ ବିଜେପି ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଥିବା ସେ ରାଜ୍ୟପାଳଙ୍କୁ ଅବଗତ ଜଣାଇଛନ୍ତି। ୩ ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ କରୁଥିବା ଗୋଟିଏ ପତ୍ର ମଧ ସେ ରାଜ୍ୟପାଳଙ୍କୁ ଦେଇଛନ୍ତି। ଏହାପରେ ରାଜ୍ୟପାଳ ତାଙ୍କୁ ସରକାର ଗଠନ କରିବାକୁ ଅନୁମତି ଦେଇଛନ୍ତି। ଆସନ୍ତାକାଲି ଅପରାହ୍ଣ ୫ଟାରେ ▶▶ପୃଷ୍ଠା ୭

# ଶପଥ ସମାରୋହ ପାଇଁ ଟ୍ରାଫିକ କଟକଣା: ୫ ଘଣ୍ଟା ବନ୍ଦ ରହିବ ନାଲକୋ ଛକଠୁ ଜୟଦେବ ବିହାର ଛକ ରାସ୍ତା



ଭୁବନେଶ୍ୱର, ୧୧/୬ (ନି.ପ୍ର): ଆସନ୍ତାକାଲି ଶପଥ ନେବେ ନୂଆ ମୁଖ୍ୟମନ୍ତ୍ରୀ। ଏଥିନିମନ୍ତେ ଜନତା ମଇଦାନରେ ହୋଇଛି ଭବ୍ୟ ଆୟୋଜନ । ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀଙ୍କ ସମେତ ବହୁ ଭିଭିଆଇପି ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ନିମନ୍ତେ ଆଜି ପ୍ରସ୍ତୁତ ହୋଇଛି ବ୍ଲୁ ପ୍ରିଣ୍ଟ । ଆସନ୍ତା କାଲି ପାଇଁ ଜାରି ହୋଇଛି ଟ୍ରାଫିକ କଟକଣା । ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଓ ନବ ନିର୍ବାଚିତ ମନ୍ତ୍ରିମଣ୍ଡଳ ଶପଥ ସମାରୋହ ପାଇଁ ଭୁବନେଶ୍ୱରରେ କଡ଼ା ଟ୍ରାଫିକ କଟକଣା ରହିବ। ଆସନ୍ତାକାଲି ଅପରାହ୍ଣ ୨ଟାରୁ ରାତି ୭ଟା କିମ୍ବା ଶପଥ ଗ୍ରହଣ ସମାରୋହ ସରିବା ଯାଏ ଜୟଦେବ ବିହାରରୁ ନାଲକୋ ଛକ ରାସ୍ତାରେ ଗାଡ଼ି ଚଳାଚଳ ମନା। କେବଳ ଗାଡ଼ି ପାସ୍ ଥିବା ବ୍ୟକ୍ତି ସଭା ସ୍ଥଳକୁ ଯାଇ ପାରିବେ। ଅନ୍ୟମାନେ ବିକଳ୍ପ ରାସ୍ତା ବ୍ୟବହାର କରି ପାରିବେ। ▶▶ପୃଷ୍ଠା ୭

# ଜୁନ୍ ୩୦ ଯାଏଁ ସମସ୍ତ ସରକାରୀ ଛୁଟି ବାତିଲ୍




ଭୁବନେଶ୍ୱର, ୧୧/୬ (ନି.ପ୍ର): ଜୁନ୍ ୩୦ ଯାଏଁ ଛୁଟି ନେଇ ପାରିବେନି ସରକାରୀ କର୍ମଚାରୀ। ଛୁଟି ଦିନରେ ବି ଜାରି ରହିବ କାର୍ଯ୍ୟ। ଏନେଇ ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ଏସିଏସ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ନୂଆ ସରକାର ଗଠନ ହେଉଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଚାଲିବ। ତେଣୁ ୩୦ ପର୍ଯ୍ୟନ୍ତ କାହାରିକୁ ଛୁଟି ନଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ଅଧିକାରୀ ମାନଙ୍କୁ ହେଡ୍‌କ୍ୱାର୍ଟର ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି।




# ବିର୍ଷାମୁଣ୍ଡାଙ୍କ ୧୨୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ଚମ୍ପୁଆ, ୧୧/୬ (ନି.ପ୍ର): ଚମ୍ପୁଆ ବ୍ଲକ କୋଦଗଡିଆ ପଂଚାୟତ ଅନ୍ତର୍ଗତ ଚିମିଳା ଗ୍ରାମ ଠାରେ ହୋ ସମାଜର ମହାନ ସ୍ୱାଧିନତା ସଂଗ୍ରାମୀ ସହୀଦ ବିର୍ଷା ମୁଣ୍ଡାଙ୍କ ୧୨୪ ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ସାଗେନ ସାକାମ ଆଦିବାସୀ ସାମାଜିକ ସଂଘ ଏବଂ ଆଦିବାସୀ ହୋ ସମାଜ ମହାସଭା ଆନୁକୂଲ୍ୟରେ ପାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଦିବାସୀ ହୋ ସମାଜ ମହାସଭା କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ବିର୍ଷାମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବିର୍ସାମୁଣ୍ଡାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିବା ସହ ଏହି ମହାନ ବିପ୍ଳବୀ ତଥା ସ୍ୱାଧିନତା ସଂଗ୍ରାମୀଙ୍କ ବଳୀଦାନ ଓ ଧୈର୍ଯ୍ୟ ପାଇଁ ସେ ଆମ ପାଖରେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି ଶ୍ରୀ ମୁଣ୍ଡା କହିବା ସହିତ ଉପସ୍ଥିତ ଜନସାଧାରଣ ବିର୍ସାମୁଣ୍ଡାଙ୍କୁ ଅନୁସରଣ କରି ନ୍ୟାୟ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହିତ ସଙ୍ଗଠିତ ହୋଇ ଅନ୍ୟାୟ ଅତ୍ୟାଚାରର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଏହି ସ୍ୱାଧିନତା ସଂଗ୍ରାମୀଙ୍କ ଦେଶପ୍ରେମ, ଅଦମ୍ୟ ସାହସ ତଥା ଦେଶ ମାତୃକା ପାଇଁ ଦେଇଥିବା ବଳୀଦାନ ଆଜି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇପାରିଛି। ଏହି ଅବସରରେ ବିଶିଷ୍ଟ ବୁଦ୍ଧିଜୀବୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଚିମିଳା ଗ୍ରାମର ୱାର୍ଡ ମେମ୍ବର ବିରବର ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଆଇନଜୀବି ବିନୋଦ ହାଇବୁରୁ, ଦାସ ମୁଣ୍ଡା, ଅଜୟ ମୁଣ୍ଡା ପ୍ରମୁଖଙ୍କ ସମେତ ସ୍ଥାନୀୟ ଶତାଧିକ ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିର ଆଲୋକୀକରଣ, ବେଶ ପ୍ରଦର୍ଶନୀ: କେହି ଜାଣନ୍ତିନି କିଏ କରିଛି



ପୁରୀ, ୧୧/୬ (ନି.ପ୍ର): ଶ୍ରୀମନ୍ଦିର ଅଲୋକୀକରଣ ଓ ଜଗନ୍ନାଥବଲ୍ଲଭ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବେଶ ଆଦି ପ୍ରଦର୍ଶନୀକୁ ନେଇ ବିବାଦ ମୁଣ୍ଡ ଟେକିବା ପରେ ଆଉ ଏକ ନୂଆ ବିବାଦ ସାମ୍ନାକୁ ଆସିଛି। ଏହି ଅଲୋକୀକରଣ, ପ୍ରଦର୍ଶନୀ କିଏ କରୁଥିଲା, କିଏ ଓ କେଉଁଠୁ ଟଙ୍କା ଦେଉଥିଲା, ତାହା ନା ଜିଲ୍ଲା ପ୍ରଶାସନ ଜାଣିଛି ନା ଶ୍ରୀମନ୍ଦିର ପ୍ରଶାସନ ପାଖରେ ଖବର ଅଛି। ଏପରିକି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟର ଟେଣ୍ଡର ନେଇଥିବା ଓବିସିସି କର୍ତ୍ତୃପକ୍ଷ ବି ଏ ସମ୍ପର୍କରେ ଅଜ୍ଞ ବୋଲି କହିଛନ୍ତି। ୫ ମାସ ଧରି ଚାଲିଥିବା ଏହି ଅଲୋକୀକରଣ, ପ୍ରଦର୍ଶନୀ କାହା ଅନୁମତିରେ ଚାଲିଥିଲା, ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ଦିଲ୍ଲୀର ଆର୍ଡ ୱେଭ୍ ନାମକ ଇଭେଣ୍ଟ ସଂସ୍ଥା ଏହି ସବୁ କାମର ଦାୟିତ୍ୱ ନେଇଥିଲା ବୋଲି କୁହାଯାଉଛି। ଗତ ଜାନୁଆରି ୧୭ ତାରିଖରେ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକର୍ପଣ ଉତ୍ସବ। ଏହାପୂର୍ବରୁ ଶ୍ରୀକ୍ଷେତ୍ରକୁ ନୂଆବୋହୂ ଭଳି ସଜା ଯାଇଥିଲା। ଏଥିପାଇଁ ପାଣି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ସହ ବଡ଼ଦାଣ୍ଡ, ଶ୍ରୀମାର୍ଗରେ ବ୍ୟାପକ ସାଜସଜ୍ଜା ହୋଇଥିଲା। ଭକ୍ତଙ୍କ ବେଶ ଦର୍ଶନ ପାଇଁ ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ମହାପ୍ରଭୁଙ୍କ ୨୫ ବେଶ ପ୍ରଦର୍ଶନୀ କରାଯାଇଥିଲା। ତିନି ରଥ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କ୍ଷୁଦ୍ର କଳାକୃତି ବି ପ୍ରଦର୍ଶିତ ବି ହୋଇଥିଲା। ବେଶ ତିଆରି ଓ ବେଶ ପ୍ରଦର୍ଶନୀ ପାଇଁ ବିପୁଳ ଅର୍ଥ ବ୍ୟୟ ହୋଇଛି। ଶ୍ରୀମନ୍ଦିର ସିଂହାରି ନିଯୋଗ ଓ ଶ୍ରୀମନ୍ଦିର ବେଶ କାରିଗରମାନଙ୍କ ସହଯୋଗରେ ବେଶ, ରଥ ଆଦି ପ୍ରସ୍ତୁତ କରାଯାଇଥିଲା। ଏପରିକି କୌଣସି ଗଣମାଧ୍ୟମ ଏମାନଙ୍କୁ ସେ ସମୟରେ ପ୍ରଦର୍ଶନୀ ସମ୍ପର୍କରେ ପଚାରିଲେ, କେହି ମୁହଁ ଖୋଲୁନଥିଲେ। ଫଟୋ ଉଠାଇବାକୁ ବି ବାରଣ କରାଯାଉଥିଲା। ଜାନୁଆରିରୁ ଏହି ପ୍ରଦର୍ଶନୀ ଚାଲି ଆସୁଥିବା ବେଳେ ହଠାତ୍ ଜାନୁଆରି ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବାକ୍ଷଣି ଶ୍ରୀମନ୍ଦିର ଅଲୋକୀକରଣ ଓ ପ୍ରଦର୍ଶନୀକୁ ବନ୍ଦ କରିଦିଆଗଲା। ଯାହାକୁ ନେଇ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ପରେ ବନ୍ଦ କରି ଦିଆଯାଇଥିବା ଅଲୋକୀକରଣ ଓ ପ୍ରଦର୍ଶନୀ ପୁଣି ଚାଲୁ କରାଯାଇଛି। ଓଡ଼ିଶାର ଇଭେଣ୍ଟ ସଂସ୍ଥା ଜରିଆରେ ଏହା ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ତେବେ ଏହା କିଏ କରୁଥିଲା ଓ କିଏ ଟଙ୍କା ଦେଉଥିଲା କେହି ଜାଣିନଥିବା କହିଛନ୍ତି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଅଲୋକୀକରଣ ଓ ପ୍ରଦର୍ଶନୀ କାମ କିଏ କରିଛି, ତାର ଅନୁସନ୍ଧାନ ଜାରି ରହିଛି। ପ୍ରାଥମିକ ଅନୁସନ୍ଧାନରୁ ଦିଲ୍ଲୀର ଏକ ଇଭେଣ୍ଟ ସଂସ୍ଥା ଏହା କରିଥିବା ସୂଚନା ମିଳିଛି। ଏହାର ଅଧିକ ଅନୁସନ୍ଧାନ ଜାରି ରହିଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ(ଓଏସ୍ଡି) ଅଜୟ କୁମାର ଜେନା କହିଛନ୍ତି, ଏ ସମ୍ପର୍କରେ ଆମେ କିଛି ଜାଣିନୁ। ଆମକୁ କିଛି ଅବଗତ କରାଯାଇନି। ସେହିପରି, ଓବିସିସି-୧ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି, ଆମେ କେବଳ ପରିକ୍ରମା ପ୍ରକଳ୍ପ କାମ କରୁଥିଲୁ। ଅଲୋକୀକରଣ ଓ ପ୍ରଦର୍ଶନୀ କାମ କିଏ କରୁଥିଲା, ଆମେ ଜାଣିନୁ କି ଆମେ କରିନୁ। ଓବିସିସି-୨ ନିର୍ବାହୀ ଯନ୍ତ୍ରୀ ଇଂ. ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ଆମେ କେବଳ ଶ୍ରୀଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂ କାମ କରିଛୁ। ପ୍ରଦର୍ଶନୀ କାମ ଆମେ କରିନୁ। କିଏ କରିଛି ବି ଜାଣିନୁ ବୋଲି ଇଂ. ପାଢ଼ୀ କହିଛନ୍ତି।

# ନକ୍ସଲଙ୍କ ଯୋଜନା ପଣ୍ଡ: ଜଙ୍ଗଲରୁ ଠାବ ହେଲା ସ୍ପାଇକ୍ ହୋଲ୍



ମାଲକାନଗିରି, ୧୧/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାରେ ରହିଥିବା ଭଦ୍ରାଡି କଥାଗୁଡୁମ ଜିଲ୍ଲା ପୁସୁଗୁପା ଜଙ୍ଗଲରେ ସ୍ପାଇକ୍ ହୋଲ୍ ଠାବ କରିଛନ୍ତି ସୁରକ୍ଷା କର୍ମୀ। ସର୍ଚ୍ଚ ଅପରେସନ ବେଳେ ୪, ୩୯୬ଟି ଲୁହାର ସ୍ପାଇକ ଜବତ ହୋଇଥିବା ସୂଚନା ରହିଛି। ଗତକାଲି ଛତିଶଗଡ଼ ଏବଂ ତେଲେଙ୍ଗାନା ପୁଲିସ ପକ୍ଷରୁ ସୀମାନ୍ତ ଜଙ୍ଗଲରେ ସର୍ଚ୍ଚ ଅପେରେସନ କରାଯାଇଥିଲା। ଏହି ସମୟରେ ସୁରକ୍ଷାକର୍ମୀମାନେ ସ୍ପାଇକ ହଲ ଠାବ କରିଥିଲେ। ଭଦ୍ରାଦି କଥାଗୁଡୁମ ଜିଲ୍ଲାର ଏସପି ପରିତୋଷ ପଙ୍କଜ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଜଙ୍ଗଲରେ ନକ୍ସଲ ବୋମା ଖଞ୍ଜିବା ସହ ସ୍ପାଇକ ହଲ କରି ଆଦିବାସୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛନ୍ତି। ସୀମାନ୍ତବର୍ତ୍ତୀ ଗ୍ରାମର ଲୋକେ ଜଙ୍ଗଲକୁ ବିଭିନ୍ନ କାମରେ ଯାଉଥିବା ବେଳେ ନକ୍ସଲଙ୍କ ଦ୍ୱାରା ଖଞ୍ଜା ଯାଇଥିବା ମରଣ ଯନ୍ତାରେ ଫସି ମୃତ୍ୟୁବରଣ କରୁଛନ୍ତି। ଜଙ୍ଗଲରେ ସ୍ପାଇକ୍ ହୋଲ୍ ଠାବ ହେବା ପରେ ସର୍ଚ୍ଚ ଅପେରେସନ ଜାରି ରହିଛି।

# ଶିବ ପାର୍ବତୀ ବିବାହ ପରେ ଦେବ ଦମ୍ପତିଙ୍କ ନଗର ପରିକ୍ରମା

କେନ୍ଦ୍ରାପଡ଼ା, ୧୧/୬ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳର ଗୋପ ଗ୍ରାମ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଅମରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବ ବିବାହ ଉପଲକ୍ଷେ ଶନିବାର ଠାରୁ ରୁଦ୍ର ଯଜ୍ଞ ପାଇଁ ଅଙ୍କୁରାରୋପଣ ପୂଜାପାଠ କରାଯାଇଥିଲା। ରବିବାର, ସୋମବାର ଓ ମଙ୍ଗଳବାର ୩ ଦିନ ଧରି ରୁଦ୍ର ଯଜ୍ଞ, ଚଣ୍ଡୀ ଯଜ୍ଞ, ଗୁରୁ ସୂର୍ଯ୍ୟ ପୂଜା ପରେ ଗତକାଲି ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯଜ୍ଞକର୍ତା ଭାବେ ଭାଗିରଥୀ ସାହୁ ଓ ସ୍ମୃତିରେଖା ସାହୁ କାର୍ଯ୍ୟ ପରିଚାଳନା କରିଥିବାବେଳେ ବିବାହ ଉତ୍ସବ ପ୍ରକାଶ ପରିଡ଼ା କନ୍ୟାଦାନ କରିଥିଲେ। ତେବେ ଆଜି ଯଜ୍ଞ ପୂର୍ଣ୍ଣାହୂତି ପରେ ଏକ ସୁସଜ୍ଜିତ କାଷ୍ଠ ବୃଷଭ ଉପରେ ବିମାନରେ ଦେବ ଦମ୍ପତି ଶିବ ପାର୍ବତୀଙ୍କ ଚଳନ୍ତି ବିଗ୍ରହଙ୍କୁ ସ୍ଥାପନ କରାଯାଇ ନଗର ପରିକ୍ରମା କରାଯାଇ ଥିଲା। ଏହି ଶୋଭାଯାତ୍ରା ଅମରେଶ୍ୱରଙ୍କ ପୀଠରୁ ବାହାରି କେଶପୁର ବଜାର, ମୀରପାଟଣା, କାକଟ ଛକ ଦେଇ ପୁରୁଣା ବସଷ୍ଟାଣ୍ଡ ବାଟେ ଇଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟକୁ ଯାଇଥିଲା।

# ଅମ୍ବାନିଙ୍କ ଘରେ ସାକ୍ଷୀଗୋପାଳ କତା ତାଳଗଛ ଶୋଭାପାଇବ: ନିର୍ମାଣ କରିଛନ୍ତି ସତ୍ୟବାଦୀର ଶିଳ୍ପୀ ଡଳି ଦାସ

ସାକ୍ଷୀଗୋପାଳ, ୧୧/୬ (ନି.ପ୍ର): ବିଶିଷ୍ଟ ଶିଳ୍ପପତି ନୀତା ଅମ୍ବାନୀଙ୍କ ଘରେ ସତ୍ୟବାଦୀର କତାଶିଳ୍ପ କାରିଗର ଡଳି ଦାସଙ୍କ ଦ୍ୱାରା ନିର୍ମିତ ଏକ ତାଳଗଛ ଶୋଭାବର୍ଦ୍ଧନ କରିବ। ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର କତାଶିଳ୍ପ କାରିଗର ଡଳି ଦାସଙ୍କ ଅନୁଷ୍ଠାନ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥା'ନ୍ତି। ୨୦୨୩ ଡିସେମ୍ବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ତୋଷାଳୀ ମେଳାରେ ସେ ଯୋଗ ଦେଇଥିଲେ। ଏହି ମେଳାରେ ସୁଶ୍ରୀ ଦାସଙ୍କ ବିଭିନ୍ନ କଳାକୃତି ନୀତା ଅମ୍ବାନୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପସନ୍ଦ ଆସିବାପରେ ନୀତା ଅମ୍ବାନୀ ଅନ୍‌ଲାଇନ୍ ମାଧ୍ୟମରେ ସୁଶ୍ରୀ ଦାସଙ୍କୁ ଏକ ତାଳଗଛ ଦେବା ନିମନ୍ତେ ବରାଦ ଦେଇଥିଲେ। ପ୍ରାୟ ୬ମାସ ଧରି ସୁଶ୍ରୀ ଦାସ କତାରେ ଏହି ତାଳଗଛ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଏହା ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ଏକ ସପ୍ତାହ ଲାଗିବ। କତା ପାରୁ ଓ ଅଠା, ସୂତା ଦ୍ୱାରା ଏହି ତାଳ ଗଛ ତିଆରି ହୋଇଛି। ଏହି ତାଳଗଛରେ ବାୟା ଚଢ଼େଇ ବସା ମଧ୍ୟ ଶୋଭା ପାଉଛି।



ତେବେ, ଏହି ତାଳଗଛର ମୂଲ୍ୟ କେତେ ଜଣାପଡ଼ିନି। ଏହି କଳାକୃତି ନିର୍ମାଣରେ ସୌମ୍ୟଜିତ ଲେଙ୍କା, ମୋନାଲିସା ପ୍ରଧାନ ଓ ସୁନିତା ମହାରଣା ସୁଶ୍ରୀ ଦାସଙ୍କୁ ସହାୟତା କରିଛନ୍ତି। ଖୁବ୍‌ଶୀଘ୍ର ନୀତା ଅମ୍ବାନୀ ନିଜସ୍ୱ ଉଦ୍ୟମରେ ଏହି ତାଳ ଗଛଟିକୁ ବିଶ୍ୱନାଥପୁର ଗ୍ରାମରୁ ନେବେ ବୋଲି ସୁଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଲକ୍ଷ୍ମଣାନନ୍ଦ ହତ୍ୟା କମିସନ ରିପୋର୍ଟକୁ ନେଇ ପୁଣି ଚର୍ଚ୍ଚା: ସାର୍ବଜନୀନ କରିବାକୁ ଜୋର ଧରିଲା ଦାବି



ଫୁଲବାଣୀ, ୧୧/୬ (ନି.ପ୍ର): ଆଉ ଦୁଇ ଦିନ ପରେ ଓଡ଼ିଶାରେ ଗଠନ ହେବାକୁ ଯାଉଥିବା ନୂଆ ବିଜେପି ସରକାର ପାଇଁ ରହିଛି ଅନେକ ଆହ୍ୱାନ। ବିଶେଷକରି କନ୍ଧମାଳ ଜିଲ୍ଲାର ବହୁଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ପରବର୍ତ୍ତୀ ଦଙ୍ଗା ଏବଂ ହତ୍ୟାକାଣ୍ଡ ପୂର୍ବରୁ ସ୍ୱାମୀଜୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ପରର ହିଂସାତ୍ମକ ପରିସ୍ଥିତିକୁ ନେଇ ବସିଥିବା ଦୁଇ ତଦନ୍ତ କମିସନ ରିପୋର୍ଟର ଭାଗ୍ୟ କ'ଣ ହେବ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ନୂଆ ସରକାର ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ତଦନ୍ତ କମିସନ ରିପୋର୍ଟକୁ ସାର୍ବଜନୀନ କରିବେ ନା ପୁନର୍ବାର ତଦନ୍ତ କରାଇବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ରାତିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ଅନ୍ୟ ୪ ଜଣଙ୍କୁ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍‌ର ଜଲେଶପଟା ଆଶ୍ରମରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପରେ ସମଗ୍ର କନ୍ଧମାଳରେ ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଜଷ୍ଟିସ୍ ଶରତ ଚନ୍ଦ୍ର ମହାପାତ୍ର ତଦନ୍ତ କମିସନ ଗଠନ କରିଥିଲେ। ୨୦୧୨ ମସିହାରେ ଜଷ୍ଟିସ ମହାପାତ୍ରଙ୍କର ଦେହାନ୍ତ ପରେ ସରକାର ଜଷ୍ଟିସ ଏଏସ୍ ନାଇଡୁଙ୍କ ଅଧ୍ୟକ୍ଷତାରେ ଗଠିତ କମିସନ୍‌କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ନାଇଡୁ କମିସନ ୨୦୧୫ ଡିସେମ୍ବର ୨୨ ତାରିଖରେ ସରକାରଙ୍କ ନିକଟରେ ଦାଖଲ କରିଥିଲେ। କିନ୍ତୁ କମିସନ ରିପୋର୍ଟ ସରକାରଙ୍କୁ ଦାଖଲ କରିବା ଏହା ମଧ୍ୟରେ ୯ ବର୍ଷ ପୂରିବାକୁ ବସିଥିବାବେଳେ ଏହି ତଦନ୍ତ ରିପୋର୍ଟ ନାଲିଫିତା ତଳେ ରହିଛି। ସେହିଭଳି ୨୦୦୭ ମସିହା ଡିସେମ୍ବର ୨୪ରେ ବଡ଼ଦିନର ଠିକ୍ ପୂର୍ବଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଦାରିଙ୍ଗିବାଡ଼ିର ବ୍ରାହ୍ମଣୀଗାଁକୁ ଏକ ଯଜ୍ଞ କାର୍ଯ୍ୟରେ ଯୋଗଦେବାକୁ ଯାଉଥିବାବେଳେ ଦାସିଂବାଡ଼ିଠାରେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିଲା। ଏଥିରେ ସ୍ୱାମୀଜୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ଘଟିବା ପରେ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ମଧ୍ୟ ରାଜ୍ୟ ସରକାର ଜଷ୍ଟିସ ବାସୁଦେବ ପାଣିଗ୍ରାହୀ ତଦନ୍ତ କମିସନ ବସାଇଥିଲେ। ଜଷ୍ଟିସ ବାସୁଦେବ ପାଣିଗ୍ରାହୀ ତଦନ୍ତ କମିସନ ରିପୋର୍ଟ ମଧ୍ୟ ୨୦୧୫ ମସିହାରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ତଦନ୍ତ ରିପୋର୍ଟ ମଧ୍ୟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ପ୍ରକୃତରେ କିଏ ଓ କାହିଁକି ସ୍ୱାମୀଜୀଙ୍କୁ ହତ୍ୟା କଲେ, କାହିଁକି କନ୍ଧମାଳ ଜିଲ୍ଲାରେ ଦଙ୍ଗା ସୃଷ୍ଟି ହେଲା ଓ ୨୦୦୭ରେ କେଉଁମାନେ ସ୍ୱାମୀଜୀଙ୍କ ଉପରେ ଆକ୍ରମଣ କରିଥିଲେ ଏହି ସତ୍ୟ ଜାଣିବାକୁ କନ୍ଧମାଳବାସୀଙ୍କ ସମେତ ରାଜ୍ୟବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଛି।

# କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ମୋହନଙ୍କୁ ନେଇ ଘଷିପୁରାରେ ବିଜେପି ପକ୍ଷରୁ ବିଜୟ ଉତ୍ସବ

ଘଟଗାଁ, ୧୧/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରୁ ନୂତନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହୋଇଥିବାରୁ ଏହାଙ୍କୁ ନେଇ ଘଷିପୁରା ରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି । କେନ୍ଦ୍ର ରେ ତୃତୀୟ ଥର ପାଇଁ ଭାରତୀୟ ଜନତା ପାର୍ଟି ର ସରକାର ହୋଇଥିବା ବେଳେ ରାଜ୍ୟରେ କେନ୍ଦୁଝର ଜିଲ୍ଲାରୁ ପ୍ରଥମ ଥର ପାଇଁ ମୋହନ ଚରଣ ମାଟୀଙ୍କୁ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦିଆଯାଇଛି । ଘଷିପୁରାରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରିଛିନ୍ତି । ଘରିପୁରା ଲକ୍ଷ୍ମି ବଜାର ପେଟ୍ରୋଲ ପମ୍ପ ନିକଟରେ ବାଣ ଫୁଟାଇ ମିଠା ବାଂଟି ଖୁସି ମନାଇଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିଥିବା ସ୍ଥଳେ ଓଡ଼ିଶାରେ ମଧ୍ୟ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବାକୁ ଯାଉଛି ଏବଂ ମୁଖ୍ୟ ମନ୍ତ୍ରୀ ଭାବେ ମୋହନ ଚରଣ ମାଝି କୁ ମୁଖ୍ୟମନ୍ତ୍ରୀ ଭାବେ ବାଛିଛନ୍ତି ।

## ଖଡିଅଙ୍ଗ ଗାଁ ମୁରବୀଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୧/୬ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଖଡିଅଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ଦେବରାଜ ସିଂହଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସିଂହ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ରୋଗରେ ପୀଡ଼ିତ ଥିଲେ। ସେ କଟକ ମେଡ଼ିକାଲ ଆକାଉଟାଂଟ ଭାବେ କାମ କରି ଅବସର ନେବାପରେ ଖଡିଅଙ୍ଗ ଏବଂ ଆଖପାଖ ଗ୍ରାମର ସାମାଜିକ, ସାଂସ୍କୃତିକ ଓ ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ଦେଇ ଆସୁଥିଲେ। ତାଙ୍କ ପରଲୋକର ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, କମଳାକାନ୍ତ ବେହେରା, ମହମ୍ମଦ ଆକବର ଅଲ୍ଲୀ, ସରୋଜରାଜ ସିଂହ, ମନୋଜ କୁମାର ସିଂହ, ଜଗଦିଶ ସିଂହ, ଗୋପାଳ ମହାପାତ୍ର, ସନ୍ଦିପ କୁମାର ସିଂହ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ।

# ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଓ ଶିବ ପାର୍ବତୀଙ୍କ ଶୁଭ ବିବାହ

ଭବାନୀପାଟଣା , ୧୧/୬ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ସଦର ଭବାନୀପାଟଣା ଠାରେ ଜ୍ୟୋଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥ ତିଥିରେ ଦିନ ଯାତ୍ରା ୨ଦିନ ଧରି ହୋଇଥିଲା । ଉକ୍ତ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟକ୍ରମ ନିଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଜଗତଜନନୀ ପ୍ରାତଃ ବନ୍ଦନୀୟା ଯୋଗେଶ୍ୱରୀ ମା ପାର୍ବତୀ ଙ୍କ ସହିତେ କନ୍ୟା ପିତା ଙ୍କ ଦ୍ୱାରା ସ୍ଥିରୀକୃତ ପୁରୁଣାପଡା ସ୍ଥିତ ଶ୍ରୀ ଶ୍ରୀ ରାଧା କୃଷ୍ଣ ମନ୍ଦିର ରେ ଯଥାବିଧି ଅନୁଷ୍ଠିତ ହୋଇଥିଲା । ଏହି ମାଙ୍ଗଳିକ ମହୋତ୍ସବ ରେ ସପରିବାର ଉପସ୍ଥିତ ରହିଥିଲେ ଓ ଦେବ ଲୀଳା ରେ ନିଜକୁ ସାମିଲ କରି ଦେବକୃପା ଲାଭ କରି ସମସ୍ତେ ଉତ୍ସାହିତ ଲାଭ କରିଥିଲେ ଓ ଖୁସି ଜାହିର ନିଜର କରିଥିଲେ। ଏଥିରେ ପୁରୁଣା ପଡା ଅଧିବାସୀ ବା ଅଖ ପାଖ ସମସ୍ତ ଭକ୍ତ ଗଣଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଆସ୍ଥା ଓ ପବିତ୍ରତା ଦେଖିବାକୁ ମିଳିଥିଲା। ମହାଦେବ ଙ୍କ ଶୁଭ ବିବାହ ରେ ବରପକ୍ଷ, ମାନସୀ ଜେନା, ମାନସ ଜେନା, ଓ କନ୍ୟାପକ୍ଷ, ତନ୍ମୟୀ ପ୍ରଧାନ, ଓ ଆଲୋକ କୁମାର ଡାକୁଆ ପ୍ରମୁଖ କାର୍ଯ୍ୟ ତୁଲେଇ ଥିଲେ ଏବଂ ଭାବଦୀୟ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିଚାଳନା କମିଟି, ପୁରୁଣାପଡା ଭବାନୀପାଟଣାଙ୍କ ପକ୍ଷରୁ ବହୁତ ସୁନ୍ଦର ଆୟୋଜନ ଓ ବ୍ୟବସ୍ଥା ହୋଇଥିଲା। ଭକ୍ତଙ୍କ ଖୁସି ମନରେ ଏକ ଅଲୋଡ଼ାନ ସୃଷ୍ଟି କରୁଥିଲା । ଶିବ ସକଳ ଶକ୍ତି ର ଆଧାର, ଜନ୍ମ ମୃତ୍ୟୁ ଶିବ ହିଁ ସତ୍ୟ, ମହାଦେବଙ୍କୁ ମନରୁ ଆସ୍ଥା ଓ ବିଶ୍ୱାସ ସମସ୍ତଙ୍କର ଅଛି । ଭକ୍ତଙ୍କ ନିଷ୍ଠା ଓ ପୂଜାରେ ଯେ ମହାଦେବ ଙ୍କ ଆସ୍ଥା ଅଛି । ପୂଜନୀୟ, ଓ ପବିତ୍ର, ପରାକାଷ୍ଠାର ପ୍ରତିକ ତାଙ୍କୁ ମନରୁ ପୂଜା କଲେ ଅନେକ ଦୁଃଖ ନାଶ ଓ ଅନେକ ଅସୁବିଧା ର ସମ୍ମୁଖୀନ ବ୍ୟକ୍ତି ଶାନ୍ତି ଓ ନିରାଶା ହୁଅନ୍ତି ନାହିଁ। ଉକ୍ତ ସବୁ କାର୍ଯ୍ୟକ୍ରମ ଅନୁସାରେ ୧୦.୬.୨୦୨୪, ସୋମବାର, ସନ୍ଧ୍ୟା ଘ.୬.୨୧ ମି ବରାଣୁଗମନ, ରାତ୍ର ୯ ଘ. ସମୟରେ ପ୍ରସାଦ ସେବନ (କନ୍ୟାପକ୍ଷ) ଏବଂ ରାତ୍ର ଘ.୯.୩୫ ରୁ ଘ.୧୦.୧୪ ମଧ ବିବାହପାଣିଗ୍ରହ ତା, ୧୧.୬.୨୦୨୪, ମଙ୍ଗଳବାର, ସନ୍ଧ୍ୟା, ୬.୦୦ ଘ ମିନିଟ ରେ ଦେବଦମ୍ପତି ଙ୍କ ନଗର ପରିକ୍ରମା ସହ ସ୍ୱ ମନ୍ଦିର ପ୍ରତ୍ୟାବର୍ତନ ଏବଂ ରାତ୍ର ଘ.୮.୩୦ ମି.ପ୍ରସାଦ ସେବନ ରଖା ହୋଇଅଛି ଓ ଶେଷରେ କହିଥିଲେ ସମସ୍ତଙ୍କର ସହଯୋଗ ରେ ଯାତ୍ରା ସମ୍ପନ୍ନହୋଇଥିଲା । ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୧/୬ (ନି.ପ୍ର): ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପଲ୍ଲବୀ ପାତ୍ର, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦର ନିର୍ବାହୀ ଅଧିକାରୀ, ସହକାରୀ ଅଗ୍ନିଶମ ଅଧିକାରୀ, ନୋଡାଲ ଏନ୍‌ଜିଓ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗଦେଇ ସମ୍ଭାବ୍ୟ ବାତ୍ୟା, ବନ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ସୁପରିଚାଳନା ଉପରେ ବିସ୍ତୃତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାତ୍ୟା, ବନ୍ୟା ସମୟରେ ଜିଲ୍ଲା ଠାରୁ ଆରମ୍ଭ କରି ଗ୍ରାମ ପଂଚାୟତସ୍ତର ପର୍ଯ୍ୟନ୍ତ ଗଠନ କରାଯାଇଥିବା କମିଟି ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ ଶୂନ୍ୟ ମୃତ୍ୟୁହାର ପାଇଁ ଆମେ ରାଜ୍ୟରେ ସୁନାମ ଅର୍ଜନ କରିଥିଲେବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ମକ୍‌ଡ୍ରିଲ୍ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୧୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀର ଆବଶ୍ୟକତା ଅନୁସାରେ ଥିବା ଜେନେରେଟର, ଆସ୍କାଲାଇଟ୍, ଗଛକଟା ମେସିନ୍ ଆଦିକୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟକ୍ଷମ ରଖିବା ଓ ଆବଶ୍ୟକ ମରାମତି ପାଇଁ ବିଡିଓମାନଙ୍କ ସହାୟତା ନେବାକୁ ବାତ୍ୟା ଆଶ୍ରୟ ସ୍ଥଳୀ କମିଟି ସଦସ୍ୟ, ସଭାପତି, ସଂପାଦକ ତଥା ସ୍ଥାନୀୟ ସରପଂଚମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର ପରାମର୍ଶ ଦେଇଥିଲେ। ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଏବଂ ଜୁନ୍ ୧୯ ତାରିଖରେ ସମସ୍ତ ବ୍ଲକ୍ ସଦର ମହକୁମା ଓ ବାତ୍ୟା ଆଶ୍ରୟ ସ୍ଥଳୀରେ ମକ୍ ଡ୍ରିଲ୍ କରାଯିବ। ୧୯ ତାରିଖ ମକ୍‌ଡ୍ରିଲ୍‌ରେ ସ୍ଥାନୀୟ ସରପଂଚ, ଜନ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା, ଆଶା, ଅଙ୍ଗନୱାଡ଼ି କର୍ମୀ, ପ୍ରଶିକ୍ଷଣ ନେଇଥିବା ଆପଦମିତ୍ରମାନେ ଯେପରି ଭାଗ ନେବେ ସେଥିପାଇଁ ସମସ୍ତ ବିଡିଓମାନେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟର ପୂର୍ବବର୍ତୀ ଓ ପରବର୍ତୀ ସମୟରେ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନ ପ୍ରତିନିଧିମାନେ ଜିଲ୍ଲା ପ୍ରଶାସନ ଏବଂ ବ୍ଲକ୍ ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଉପ ଜିଲ୍ଲାପାଳ ପ୍ରଧାନ ଉପସ୍ଥିତ ସଦସ୍ୟମାନଙ୍କୁ କେନ୍ଦ୍ରାପଡ଼ାର ପୂର୍ବ ସମ୍ମାନ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

# ଆଣ୍ଠୁଗଣ୍ଠି ସମସ୍ୟା ହେଲେ କ'ଣ କରିବେ ?



ନିୟମିତ ବ୍ୟାୟାମ:

ବ୍ୟାୟାମ ଦ୍ୱାରା ମାଂସପେଶୀ ସୁଦୃଢ଼ ହେବା ସହିତ ଆଣ୍ଠୁ ମାଂସପେଶୀକୁ ନମନୀୟ କରାଯାଇ ଏହାର ସାଧାରଣ କାର୍ଯ୍ୟକାରିତା ବୃଦ୍ଧି କରାଯାଇଥାଏ। ଚାଲିବା, ପହଁରିବା ଏବଂ ରେଜିଷ୍ଟ୍ରାନ୍ସ ଏକ୍ସରସାଇଜ ଦ୍ୱାରା ଏହି ମାଂସପେଶୀ ସୁଦୃଢ଼ ହୋଇଥାଏ। ତେଣୁ ପ୍ରତିଦିନ ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ।

ସ୍ୱାସ୍ଥ୍ୟ ଉପଯୋଗୀ ଓଜନ ଅବ୍ୟାହତ ରଖନ୍ତୁ:

ଯଦି ଆପଣଙ୍କ ଶରୀର ଓଜନ ସାଧାରଣ ଅପେକ୍ଷା ଅଧିକ ରହିଛି ତେବେ ଏହି ଅତିରିକ୍ତ ଓଜନ ଆପଣଙ୍କ ଆଣ୍ଠୁ ଉପରେ ଅତ୍ୟଧିକ ଚାପ ପକାଇବାର ଆଶଙ୍କା ରହିଥାଏ। ତେଣୁ ଓଜନ ହ୍ରାସ କରିବା ସ୍ୱାସ୍ଥ୍ୟ ଉପଯୋଗୀ ଓଜନ ଅବ୍ୟାହତ ରଖନ୍ତୁ। ଉପଯୁକ୍ତ ଓଜନ ଦ୍ୱାରା ଆପଣଙ୍କ ଯନ୍ତ୍ରଣା ଉପଶମ ହେବା ସହିତ ଆପଣଙ୍କୁ ଅରଥ୍ରିଟିସ୍ ଠାରୁ ଦୂରେଇ ରଖିଥାଏ।

ମେଡ଼ିକାଲ ପରାମର୍ଶ ଗ୍ରହଣ କରନ୍ତୁ: ଯଦି ଆପଣଙ୍କ ଆଣ୍ଠୁରେ ଗୁରୁତର ଯନ୍ତ୍ରଣା ହେବା ସହିତ ଏଠାରେ ଫୁଲା ସୃଷ୍ଟି ହୋଇଥାଏ ଏବଂ ଆପଣଙ୍କ ସାଧାରଣ ଚଳପ୍ରଚଳ କ୍ଷେତ୍ରରେ ବାଧା ଉତ୍ପନ୍ନ ହୋଇଥାଏ। ତେବେ ଆପଣ ସମସ୍ୟାକୁ ଅଧିକ ଗୁରୁତର ହେବାକୁ ନଦେଇ ଯଥାଶୀଘ୍ର ମେଡ଼ିକାଲ ପରାମର୍ଶ ଗ୍ରହଣ କରନ୍ତୁ। ଆପଣ ଯେତେ ଶୀଘ୍ର ଚିକିତ୍ସା ପଦ୍ଧତି ଗ୍ରହଣ କରିବେ ସେତେ ଶୀଘ୍ର ଆପଣ ସୁସ୍ଥ ହେବେ।

ଆବଶ୍ୟକ ସ୍ଥଳେ ଗରମ ଥିବା କିମ୍ବା ବରଫ ଥଳୀର ବ୍ୟବହାର କରନ୍ତୁ:

ଆବଶ୍ୟକ ସ୍ଥଳେ ବରଫ ଥଳୀ କିମ୍ବା ଥଣ୍ଡା ମଟର ମଞ୍ଜି ବ୍ୟବହାର କରି ଆକ୍ରାନ୍ତ ସ୍ଥାନକୁ ଥଣ୍ଡା ରଖନ୍ତୁ ଅଥବା ଗରମ ପାଣି ବୋତଲ ବ୍ୟବହାର କରନ୍ତୁ।। ଏହାକୁ ପ୍ରତ୍ୟକ୍ଷ ଭାବରେ ତ୍ୱଚା ସମ୍ପର୍କରେ ଆଣନ୍ତୁ ନାହିଁ। ବରଫ ଯନ୍ତ୍ରଣା ଉପଶମ କରିବା ସହିତ ଆକ୍ରାନ୍ତ ସ୍ଥାନରେ କଠିନତା ଦୂର କରିଥାଏ।

ବ୍ୟାୟାମ ପୂର୍ବରୁ ୱାର୍ମ ଅପ୍ କରନ୍ତୁ:

ୱାର୍କ ଅପ୍ କରିବା ଦ୍ୱାରା ଆପଣଙ୍କ ଶରୀର ବ୍ୟାୟାମର ସୁଫଳ ଉପଲବ୍ଧ କରିବାକୁ ସକ୍ଷମ ହୋଇଥଏ। ଏହାଦ୍ୱାରା କୌଣସି ପ୍ରକାର ଆଘାତକୁ ପ୍ରତିରୋଧ କରିଥାଏ।



ତେଣୁ ବ୍ୟାୟାମ ପୂର୍ବରୁ ୱାର୍ମ ଅପ୍ ହେବା ଆବଶ୍ୟକ ତଥା ବ୍ୟାୟାମ ପରେ ଶରୀରକୁ ସମ୍ପ୍ରସାରିତ କରି ରଖିବା ଆବଶ୍ୟକ।





# ପ୍ଲସ୍ ସାଇଜରେ ସ୍ମାର୍ଟ ଫେସନ୍



ଆଜିକାଲି ସ୍ଲିମ ଫିଗରର ସମୟ ଚାଲିଛି। ପତଳା ହେବାକୁ ମହିଳାମାନେ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ତେବେ କିଛି ବିଶେଷ କାରଣ ଯୋଗୁଁ କିଛି ମହିଳା ପତଳା ହୋଇ ପାରନ୍ତି ନାହିଁ। ପତଳା ହୋଇ ନପାରିଲେ ଅନେକ ଭାବନ୍ତି, ସେମାନଙ୍କ ଜୀବନରୁ ସବୁ ରଙ୍ଗ ଚାଲିଗଲା, ସେମାନେ ଆଉ ସୁନ୍ଦର ଦିଶିବେ ନାହିଁ। କିନ୍ତୁ ଏ ଭଳି ଧାରଣା ଭୁଲ। ନିଜ ମୋଟା ଶରୀରକୁ ନେଇ ମନଦୁଃଖ କରିବା ଉଚିତ ନୁହେଁ ବା ନିଜ ପ୍ରତି ଅବହେଳା ମଧ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ଅଳ୍ପ କିଛି ଦିଗପ୍ରତି ସତର୍କ ରହିଲେ ପ୍ଲସ ସାଇଜର ଶରୀରକୁ ନେଇ ମଧ୍ୟ ସ୍ମାର୍ଟ ଓ ହଟ୍ ଦିଶିବା ସମ୍ଭବ।

ଏଭଳି ଅନେକ ପ୍ଲସ ସାଇଜର ମହିଳା ପୋଷାକକୁ ନେଇ ବେଶ୍ ଚିନ୍ତାରେ ରହିଥାଆନ୍ତି। ସେମାନେ ଭାପ୍ତି, ସବୁ ପୋଷାକ ତନୁପାତଳୀଙ୍କ ପାଇଁ, ଆମ ପାଇଁ କିଛି ନାହିଁ। କିନ୍ତୁ ଏଭଳି ଭାବନା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଆପଣ ଯଦି ମୋଟା, ତେବେ ପୋଷାକପତ୍ର ମାମଲାରେ ନିମ୍ନଲିଖିତ ବିଷୟଗୁଡ଼ିକୁ ମନେ ରଖନ୍ତୁ:

ଫିଟିଙ୍ଗ ପୋଷାକ:

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରେସ କିଣିବା ବେଳେ ଠିକ୍ ସାଇଜ ତଥା ଶରୀରକୁ ଫିଟିଙ୍ଗ ହେବା ଭଳି ପୋଷାକ କିଣିବା ଦରକାର। ପ୍ଲସ ସାଇଜର ମହିଳାମାନେ ଅବହେଳା ବା ଅଜ୍ଞତା ପାଇଁ ଢିଲା କିମ୍ବା ଟାଇଟ ପୋଷାକ ପିନ୍ଧିଥାଆନ୍ତି। ତେବେ ଏକଦମ ଟାଇଟ ପୋଷାକ ବା ପୂରା ଢିଲା ଡ୍ରେସ ପିନ୍ଧିବା ଦ୍ୱାରା ସେମାନଙ୍କ ଲୁକ ଖରାପ ହୋଇଯାଏ। ସେଥିପାଇଁ ମନେରଖିବା କଥା ହେଉଛି ଆପଣ ପ୍ଲସ ସାଇଜର ହୁଅନ୍ତୁ କି ନହୁଅନ୍ତୁ ଯଦି ଶରୀରକୁ ଠିକ୍ ଭାବରେ ଫିଟିଙ୍ଗ ହେଉଥିବା ପୋଷାକ ପିନ୍ଧୁଛନ୍ତି ତେବେ ଆପଣ ନିଶ୍ଚୟ ସୁନ୍ଦର ଓ ଷ୍ଟାଇଲିସ ଦିଶିବେ।



ଲଙ୍ଗ ଟପ୍ସ: ପ୍ଲସ ସାଇଜର ମହିଳାମାନଙ୍କୁ ଛୋଟ ଟପ୍ସ ପରିବର୍ତ୍ତେ ଲଙ୍ଗ ଟପ୍ସ ବେଶି ଭଲ ମାନିଥାଏ। ଲମ୍ବା ବା ଲଙ୍ଗ୍ ଟପ୍ସ ଆପଣଙ୍କୁ ସ୍ଲିମ ଫିଗରର ଲୁକ ଦେଇଥାଏ।

ହିଲ୍: ହିଲ ଯୁକ୍ତ ଜୋତା ଯେ କେବଳ ଆପଣଙ୍କୁ ଢେଙ୍ଗୀ ଦିଶିବା ପାଇଁ ସାହାଯ୍ୟ କରେ, ତା' ନୁହେଁ, ଏହା ମୋଟା ଶରୀରକୁ ସ୍ଲିମ ଲୁକ ଦେବାରେ ସାହାଯ୍ୟ ମଧ୍ୟ କିରଥାଏ। ହାଇହିଲ ପିନ୍ଧିବା ଦ୍ୱାରା ଚାଲି ସ୍ମାର୍ଟ ଦିଶିବ ଓ ଆପଣ ମଧ୍ୟ ଅଧିକ ଆକର୍ଷଣୀୟ ଦିଶିବେ।

# ରୋଗପ୍ରତିରୋଧକ କ୍ଷମତା ଶକ୍ତି କମିବାର ଲକ୍ଷଣ

ଦୁନିଆରେ ଅନେକ ସୌଖୀନ ଲୋକଙ୍କ ଅଭାବ ନାହିଁ। ଏହା ବି ସତ ଯେ, ସଉକ ପୁରା କରିବାପାଇଁ ପାଖରେ ଧନ ଥିବା ଦରକାର। ସାଉଦି ଆରବରେ ରୁହନ୍ତି ରାଜକୁମାର ତୁର୍କୀ ବିନ୍ ଅବଦୁଲ୍ଲାହ। ନିଜର ସୌଖୀନ ଜୀବନଶୈଳୀ ପାଇଁ ସେ ବିଶ୍ୱ ପ୍ରସିଦ୍ଧ। କୁହାଯାଏ ରାଜକୁମାର ସବୁବେଳେ ସୁନାର ଗଡ଼ରେ ବୁଲନ୍ତି। ନିକଟରେ ତାଙ୍କର ଆଉ ଏକ ସୌଖୀନ ଆଚରଣ ଚର୍ଚ୍ଚାର ପରିସରକୁ ଆସିଛି। ରାଜକୁମାର ତାଙ୍କର ପାଳିତ ବାଜପକ୍ଷୀମାନଙ୍କୁ ଭ୍ରମଣରେ ଆଣିଛନ୍ତି। ସେ ପୁଣି ଫ୍ଲାଇଡ଼ରେ। ରାଜୁକମାର ତାଙ୍କର ପୋଷ୍ୟ ବାଜ ପକ୍ଷୀଙ୍କ ପାଇଁ ଫ୍ଲାଇଟରେ ମିଡ଼ିଲ ସଦିଟ୍ ବୁକ କରିଥିଲେ ଓ ସେମାନଙ୍କୁ ସାଥିରେ ନେଇ ବୁଲିଥିଲେ। ସାଉଦିରେ ଲୋକମାନଙ୍କୁ ତାଙ୍କର ପାଳିତ ପଶୁ ପକ୍ଷୀଙ୍କୁ ଭ୍ରମଣ ସମୟରେ ସାଙ୍ଗରେ ଆଣିବାର ଅନୁମତି ରହିଛି। ଯାତ୍ରୀମାନଙ୍କ ସହିତ ପୋଷ୍ୟ ପଶୁପକ୍ଷୀଙ୍କୁ ନେବାପାଇଁ ବିମାନ କମ୍ପାନୀ ବିରୋଧ କରିନଥାଏ। ଯେତେବେଳେ ଯାତ୍ରୀମାନେ ବିମାନରେ ଏତେ ସଂଖ୍ୟକ ବାଜପକ୍ଷୀଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଥିଲେ। ବାଜପକ୍ଷୀଙ୍କ ଫ୍ଲାଇଟ୍‌ରେ ଯାତ୍ରା କରିବା ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଘଟଣା ସମ୍ପର୍କରେ ବିମାନ କର୍ତ୍ତୃପକ୍ଷ କୁହନ୍ତି ଏଠାରେ ପଶୁପକ୍ଷୀଙ୍କୁ ଫ୍ଲାଇଟ୍‌ରେ ନେବା ଅତି ସାଧାରଣ।

# ନଖ



ପ୍ରାୟତଃ ପିଲାଠାରୁ ବଡ଼ କେହି କେହି ନଖ ରଖିବା ପାଇଁ ପସନ୍ଦ କରନ୍ତି। ବିଶେଷ କରି ଝିଅ ପିଲାମାନେ ହାତକୁ ନଖ ସୁନ୍ଦର ଦେଖାଯାଏ ବୋଲ ନଖ ରଖିବାକୁ ଭଲ ପାଆନ୍ତି। ଅଙ୍ଗୁଳିର ମୂଳ ଆଡ଼କୁ ନଖ ଥିବା କଥା ସମସ୍ତେ ଜାଣନ୍ତି। ଆଙ୍ଗୁଳିର ମାଂସରେ ଲାଗିଥିବା ନଖରୁ ନଖ ବଢ଼ିବା ଆରମ୍ଭ ହୋଇଥାଏ। ଏହି ପ୍ରକ୍ରିୟାକୁ କେରାଟାଇଜେସନ ବୋଲି କୁହାଯାଏ। କେଶ ଓ ଚମଡ଼ାରେ ଥିବା କେରୋଟିନ ପ୍ରୋଟିନ ନଖରେ ମଧ୍ୟ ଅଛି। ନଖ ମୂଳରେ ଥିବା ଜୀବକୋଷ ତିଆରି ହୋଇଥାଏ। ନୂଆ ଜୀବକୋଷ ସେହି ହାତର ନଖ ପ୍ରତି ମାସରେ ଅଢ଼େଇ ମିମି ବଢ଼ିଥାଏ ଓ ଗୋଡ଼ ନଖ ୨ ମିମି ବଢ଼ିଥାଏ। ପ୍ରକୃତରେ ହାତ ଓ ଗୋଡ଼ ଆଙ୍ଗୁଳିର ଅଗ୍ର ଭାଗକୁ ନଖ ସୁରକ୍ଷା ଦେଇଥାଏ। ଛୋଟ ଜିନିଷକୁ ଉଠାଇବାରେ ସାହାଯ୍ୟ କରିଥାଏ। କୁଣ୍ଡାଇ ହେବା ପାଇଁ ମଧ୍ୟ ଏହା ବ୍ୟବହାର କରାଯାଏ। ନିଜ ନଖର ଯତ୍ନ ସବୁଦିନ ନେବା ଉଚିତ କାରଣ ନଖରେ ବହୁତ ଅସନା ରହିଯାଏ ଯାହା ପେଟକୁ ଗଲେ ଦେହ ପାଇଁ ଖରାପ। ତେଣୁ ନଖ ତଳକୁ ସବୁବେଳେ ସଫା କରିବା ଦରକାର। ନଖ ବଢ଼ିଲେ ନିୟମିତ ଭାବରେ କାଟିବା ଦରକାର। ନଖକୁ ନଖକଟାରେ କାଟିହେବ। ନଖକୁ ଅତି ଛୋଟ କାଟିଲେନରମିଆ ନଖ ମୂଳ ଦେଖାଯାଏ ଓ ଯନ୍ତ୍ରଣା ହୋଇଥାଏ। ବେଳେବେଳେ ହାତୁଡ଼ି କିମ୍ବା କବାଟରେ ମାଡ଼ ହେଲେ ନଖ ଉପରେ ନାଳି ପଡ଼ିଯାଏ। ଧୀରେ ଧୀରେ ସେ କଳା ରଙ୍ଗର ହୋଇଯାଏ। କିଛିଦିନ ପର୍ଯ୍ୟନ୍ତ ତାହା ଯନ୍ତ୍ରଣା ହୋଇଥାଏ। ସେହି ଦାଗ ରହିଯାଏ କିଛିଦିନ ପର୍ଯ୍ୟନ୍ତ । ନଖ ବଢ଼ିବା ସମୟରେ ସେହି ଦାଗ ଧୀରେ ଧୀରେ ଚାଲିଯାଇଥାଏ। ବେଳେବେଳେ ନୂଆ ନଖ ବହୁତ କଦାକାର ହୋଇଥାଏ କିନ୍ତୁ ପରେ ଠିକ୍ ହୋଇଯାଏ।

କେବେକେବେ ନଖରେ ଛୋଟ ଧଳା ରଙ୍ଗ ଦେଖିବାକୁ ମିଳିଥାଏ। ନଖର ମୂଳ ଭିତରୁ ନଷ୍ଟ ହୋଇଯାଇ ଧଳା ଦେଖାଯାଇଥାଏ। ହେଲେ ଆଖିକୁ ଦିଶେ ନାହିଁ। ତାହା ମଧ୍ୟ ନଖର ବଢ଼ିବା ସହିତ ଭଲ ହୋଇଯାଏ ଓ ଧଳା ରଙ୍ଗ ଦେଖାଯାଏ ନାହିଁ। ନଖ ଶୀତଦିନେ ଅପେକ୍ଷା ଗ୍ରୀଷ୍ମ ଋତୁରେ ଖୁବ ଶୀଘ୍ର ବଢ଼ିଥାଏ। ନଖର ମୂଳ ଯଦି ପୂରାପୂରି ନଷ୍ଟ ନ ହୋଇଥିବ ତାହାହେଲେ ନଖଟି ପୁଣିଥରେ ବଢ଼ିବ। ନଖର ମୂଳରେ ଦିଶୁଥିବା ଅଧା ଜହ୍ନ ପରି ଧଳାଚିହ୍ନକୁ ଲୁନୁଲା କୁହାଯାଏ। ହାତର ମଝି ଆଙ୍ଗୁଳି ନଖ ଶୀଘ୍ର ବଢ଼ିଥିବା ବେଳେ ବୁଢ଼ା ଆଙ୍ଗୁଳି ଧୀରେ ଧୀରେ ବଢ଼ିଥାଏ। ନଖ ଖାଇବା ଆଦୌ ଭଲ କଥା ନୁହେଁ କାରଣ ସେଥିରେ ଥିବା ଜୀବାଣୁ ପେଟକୁ ଯାଇଥାଏ। ନଖରେ ଝିଅମାନେ ନେଲ ପଲିସ ଲଗାଇଥାନ୍ତି। ସେହି ରାସାୟନିକ ପଦାର୍ଥ ପିଲାଙ୍କ ଦେହକୁ ଅସୁସ୍ଥ କରିଥାଏ। ନଖକୁ ସବୁବେଳେ କାଟି ସଫା ସୁତୁରା ରଖିବା ଆବଶଷ୍ୟକ। ଡାକ୍ତରମାନେ ଲୋକଙ୍କର ଗୋଲାପି ଧଳା ନଖ ରଙ୍ଗ ଦେଖି ଜାଣିପାରନ୍ତି ଯେ ସୋମନେ ସୁସ୍ଥ ଅଛନ୍ତି।

# ଥଣ୍ଡା ପାଣି ଠାରୁ ଗରମ ପାଣି ଶୀଘ୍ର ବରଫ ପାଲଟିଯାଏ



ବୈଜ୍ଞାନିକମାନେ ଗବେଷଣା କରି କହିଛନ୍ତି ଯେ, ଗରମପାଣି ଶୀଘ୍ର ବରଫ ହୋଇଯାଏ କିନ୍ତୁ ଥଣ୍ଡା ପାଣି ଡେରିରେ ବରଫହୁଏ। ଏହିଶୀଘ୍ର ବରଫ ହେଉଥିବା ଗରମ ପାଣିକୁ ପେମ୍ବା ଇଫେକ୍ଟ ବୋଲି କୁହାଯାଏ। ୧୯୬୦ରେ ପୂର୍ବ ଆଫ୍ରିକାରେ ତାନଜାନିଆ ସହରରେ ପାଠ ପଢୁଥିବା ଜଣେ ଶିକ୍ଷାର୍ଥୀ ଦନାବି କରିଥିଲେ ଯେ ଗରମ ପାଣି ଶୀଘ୍ର ବରଫ ହୋଇଯାଉଛି। ତେବେ ବୈଜ୍ଞାନିକମାନେ ଗବେଷଣା କରି ଦେଖିଥିଲେ ଯେ ଗରମ ପାଣିରେ ଥିବା ହାଇଡ୍ରୋଜେନ ଗ୍ୟାସର ଅଣୁ ପରମାଣଉ ବନ୍ଧନ ଧୀରେ ଧୀରେ ଭାଙ୍ଗିଯାଏ ଓ ଶୀଘ୍ର ବରଫ ଜମିଯାଏ କିନ୍ତୁ ଥଣ୍ଡା ପାଣିରେ ହାଇଡ୍ରୋଜେନ ଭାଙ୍ଗିବା ପାଇଁ ସମୟ ଲାଗିଥାଏ। ସେଦଥିପାଇଁ ସେ ଶୀଘ୍ର ବରଫ ହୋଇ ନଥାଏ। ଏହା ସମ୍ପୂର୍ଣ୍ଣ ଭାବରେ ଗବେଷଣା କଲେ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମେଣ୍ଟ ସରକାର ଓ ବିରୋଧୀଙ୍କ ମେଣ୍ଟ...

ରବିବାର ସନ୍ଧ୍ୟାରେ ତାଙ୍କୁ ମିଶାଇ ୭୨ ଜଣ ମନ୍ତ୍ରୀଙ୍କ ସହିତ ଶପଥ ନେଇ ସାରିଛନ୍ତି ଲଗାତର ତୃତୀୟ ପାଳିରେ ମେଣ୍ଟ ସରକାରର ମୁଖ୍ୟ ଭାବରେ କେନ୍ଦ୍ରରେ ଶାସନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସଂସଦର ନିମ୍ନ ସଦନରେ ଦୀର୍ଘ ଏକ ଦଶନ୍ଧିର ପ୍ରାଧାନ୍ୟ ବିସ୍ତାର କରିବା ପରେ ବିଜେପିର ନେତା ଭାବରେ ଏବେ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ମନ୍ତ୍ରୀମଣ୍ଡଳର ନେତୃତ୍ୱ ନେଇ କାର୍ଯ୍ୟ କରିବେ । ଅବଶ୍ୟ ମୋଦୀଙ୍କ ୩.୦ ସରକାରରେ ତାଙ୍କ ସହିତ ରହିଛନ୍ତି ପୂର୍ବ ପାଳି ସରକାରର ଅଧିକାଂଶ ହେଭିୱେଟ୍ ନେତା ଓ ଏନ୍‌ସିପି (ଅଜିତ୍ ପାୱାର) ଗୋଷ୍ଠୀକୁ ବାଦ୍ ଦେଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପ୍ରତିନିଧିମାନେ । ନିର୍ବାଚନ ହାରି ଯାଇଥିବା ତାମିଲନାଡୁର ପୂର୍ବତନ ୟୁନିଟ୍ ମୁଖ୍ୟ ଏଲ୍ ମୁରୁଗାନ୍ ଏବଂ କେରଳରୁ ଦଳର ପ୍ରଥମ ଲୋକସଭା ସାଂସଦ ନିର୍ବାଚିତ ହୋଇଥିବା ସୁରେଶ ଗୋପିଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରିବା ବିଜେପିର ଏହି ଦୁଇ ରାଜ୍ୟରେ ପଦ ପ୍ରସାରଣର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଛି, କାରଣ ଏହି ଦୁଇ ରାଜ୍ୟ ଦଳ ପ୍ରତି ସେଭଳି ଉତ୍ସାହିତ ହେବା ଭଳି ଆଗ୍ରହ ପ୍ରକାଶ କରନ୍ତି ନାହିଁ । ପ୍ରଧାନମନ୍ତ୍ରୀ ଯଦି ଅନୁଭବ କରନ୍ତି ଯେ କୌଣସି ଅଞ୍ଚଳର ସମ୍ଭାବ୍ୟ ଆଞ୍ଚଳିକ ଏବଂ ସାମାଜିକ ପ୍ରତିନିଧି ଠିକ୍ ଭାବରେ ହୋଇନାହିଁ ବା ମନ୍ତ୍ରୀମଣ୍ଡଳରେ ବିଶେଷଜ୍ଞତାର ଅଭାବ ରହିଛି, ତା'ହେଲେ ଭବିଷ୍ୟତରେ ମଧ ଏହି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରାଯାଇପାରେ । ଶ୍ରୀଯୁକ୍ତ ମୋଦୀ ଯେତେବେଳେ ଦ୍ୱିତୀୟ ପାଳିରେ ଶାସନ କ୍ଷମତାକୁ ଆସିଲେ, ସେତେବେଳେ ଶାସନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସେ କେତେକ ମନ୍ତ୍ରଣାଳୟରେ ବିଶେଷଜ୍ଞମାନଙ୍କୁ ସାମିଲ କରିଥିଲେ, ଯେପରିକି ଅନ୍ୟମାନଙ୍କ ମଧ୍ୟରେ ଏସ୍ ଜୟଶଙ୍କର, ମନସୁଖ ମଣ୍ଡଭୀୟ, ହରଦୀପ ସିଂହ ପୁରୀ, ଏବଂ ଅଶ୍ୱିନୀ ବୈଷ୍ଣବ ଇତ୍ୟାଦି । ଚଳିତ ଥର ଓଡ଼ିଶାରୁ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀଯୁକ୍ତ ଜୁଏଲ୍ ଓରାମ୍ ଏବଂ ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ମଧ ଶ୍ରୀଯୁକ୍ତ ମୋଦୀ ତାଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରିଛନ୍ତି । ବିଜେପିକୁ ଏକଥା ମାନି ନେବାକୁ ପଡ଼ିବ ଯେ ପୂର୍ବ ଥର ଭଳି ଶାସନ କ୍ଷେତ୍ରରେ ଏହା ସବୁକିଛି ଏକା ଏକା ନିଜ ଇଚ୍ଛା ଅନୁସାରେ କରି ପାରିବ ନାହିଁ; ଏହାକୁ ସବୁ କଥାରେ ଏକ ବ୍ୟାପକ ପରାମର୍ଶକାରୀ ପ୍ରକ୍ରିୟା ଦେଇ ଗତି କରିବାକୁ ହେବ, ଯାହା ବେଳେବେଳେ ହୁଏତ ଉଭୟ ବୁଝାମଣା ଏବଂ ସହନଶୀଳତା ଆବଶ୍ୟକ କରିବ । ଏପରି ବ୍ୟବସ୍ଥା ଦୁଇ ଗୋଟି ପ୍ରକାରେ କାମ କରିବ– ଗୋଟିଏ ହେଉଛି, ମେଣ୍ଟ ରାଜନୀତି ସରକାରରେ ଏକ ଭାରସାମ୍ୟ ରକ୍ଷା କରିବା ବ୍ୟବସ୍ଥା ଭାବରେ କାମ କରିପାରେ ଏବଂ ଏହା ମଧ ଯେ କୌଣସି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସରକାରଙ୍କୁ ଭିନ୍ନ ଆଭିମୁଖ୍ୟ ଆପଣାଇବାକୁ ବାଧ କରିପାରେ । ଅପର ପକ୍ଷରେ ବିରୋଧୀ ଦଳମାନଙ୍କର ମଧ ଏକ ପ୍ରମୁଖ ଭୂମିକା ରହିଛି ସୁନିଶ୍ଚିତ କରାଇବାକୁ ଯେ ଦେଶର ସମସ୍ତ ଅନୁଷ୍ଠାନ ଠିକ୍ କାମ କରୁଛି ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସମ୍ମାନ ପ୍ରଦର୍ଶନ କରି ଏସବୁ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରୁଛନ୍ତି । ଅଷ୍ଟାଦଶ ଲୋକସଭାରେ ବିରୋଧୀମାନଙ୍କ ଶକ୍ତି ପୂର୍ବ ଲୋକସଭା ତୁଳନାରେ ପ୍ରାୟ ଦ୍ୱିଗୁଣିତ ହୋଇଛି । ନିୟମ ଅନୁସାରେ ସର୍ବବୃହତ୍ ବିରୋଧୀ ଦଳର ନେତା, ଯେଉଁ ଦଳ ନିକଟରେ ଲୋକସଭାର ମୋଟ ସଦସ୍ୟ ସଂଖ୍ୟାର ୧୦ ପ୍ରତିଶତରୁ କମ୍ ସଦସ୍ୟ ନଥିବେ, ତାଙ୍କୁ ବିରୋଧୀ ଦଳର ନେତା ଭାବରେ ମନୋନୀତ କରାଯିବ । ବର୍ତ୍ତମାନ ଏହି ପଦ କଂଗ୍ରେସ ଲାଭ କରିବ । ପୂର୍ବ ପାଳିରେ ଏହାକୁ ଉପରୋକ୍ତ ପ୍ରଥାନୁସାରୀ ପଦ ମିଳି ନଥିଲା, ଯେହେତୁ ଏହା ଉଭୟ ସଦନରେ ଆବଶ୍ୟକୀୟ ସଂଖ୍ୟକ ଆସନରେ ବିଜୟୀ ହୋଇ ପାରି ନଥିଲା । ଗତ ଦୁଇ ଥରଯାକ ନିର୍ବାଚନରେ ଲୋକମାନେ ଶ୍ରୀଯୁକ୍ତ ମୋଦୀ ଏବଂ ତାଙ୍କ ଦଳକୁ ବିପୁଳ ସଂଖ୍ୟାରେ ବିଜୟୀ କରାଇ ଥିଲେ । ସେହି ଲୋକମାନେ ଏଥର ସ୍ଥିର କରିଛନ୍ତି ଯେ ଶ୍ରୀଯୁକ୍ତ ମୋଦୀ ଏକତରଫା ଭାବରେ ରାଷ୍ଟ୍ରକୁ ଚଳାଇବା ପରିବର୍ତ୍ତେ ବ୍ୟାପକ ସହମତି ଲୋଡ଼ନ୍ତୁ । ତେଣୁ ବିରୋଧୀମାନେ ବର୍ତ୍ତମାନ ଏହା ସୁନିଶ୍ଚିତ କରିବା ଆବଶ୍ୟକ କି ସରକାର ଲୋକମାନଙ୍କ ଇଚ୍ଛା ଅନୁରୂପ କାର୍ଯ୍ୟ କରୁଛନ୍ତି । ତେବେ ଇଣ୍ଡି ମେଣ୍ଟ– ଯାହା ଗତ ବର୍ଷ ଗଠନ ହୋଇଥିଲା, ତାହା ଏକ ବ୍ୟାପକ ଧରଣର ମତାମତ ଏବଂ ଅଭିଳାଷର ପ୍ରତିନିଧି କରୁଛି, ଯାହା ବେଳେ ବେଳେ ସେହି ଦଳର ମିତ୍ର ଶକ୍ତିମାନଙ୍କ ମଧ୍ୟରେ ସୁଦ୍ଧା ବିପରୀତାତ୍ମକ ହେଉଛି । ଅତଏବ, ସେହିସବୁ ମିତ୍ର ଦଳମାନଙ୍କୁ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଞ୍ଚଳିକ ଦଳ, ସେମାନଙ୍କୁ ଏକତାର ବନ୍ଧନରେ ବାନ୍ଧି ରଖିବା କ୍ଷେତ୍ରରେ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ଯାଉଛି କଂଗ୍ରେସ, ଠିକ୍ ଯେମିତି ବିଜେପି ହେବାକୁ ଯାଉଛି ଟିଡିପି ଏବଂ ଜେଡି (ୟୁ)କୁ ନିଜ ସହିତ ମିଶାଇ ରଖିବା ପାଇଁ । ମୋଟାମୋଟି ଏସବୁ ଭିତରେ ଲୋକମାନେ କେତେ ଲାଭବାନ୍ ହେବାକୁ ଯାଉଛନ୍ତି, ତାହା କେବଳ ସମୟ ହିଁ କହି ପାରିବ ।

## ବିସ୍ମୟୀ ବିଜ୍ଞାନୀ ସାମନ୍ତଙ୍କୁ ଶ୍ରଦ୍ଧା ସୁମନ



ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ଆଜି ଜୁନ୍ ମାସ ଏଗାର ତାରିଖ । ଆଜିର ଦିବସରେ ଆଜକୁ ଠିକ୍ ୧୨୦ବର୍ଷ ପୂର୍ବରୁ ଉତ୍କଳର ମହାନ୍ ବରପୁତ୍ର 'ସାମନ୍ତ ଚନ୍ଦ୍ରଶେଖର'ଙ୍କର ତିରୋଧାନ ଘଟିଥିଲା । ସେଦିନ ଥିଲା ୧୯୦୪ ମସିହା ଜୁନ୍ ମାସ ଏଗାର ତାରିଖ ଶନିବାର । ହେଲେ ସେହି ବିସ୍ମୟ ବିଜ୍ଞାନୀଙ୍କର କିଛି ନଥିଲା ଉଚ୍ଚ ଶିକ୍ଷାଗତ ଯୋଗ୍ୟତା, ପ୍ରଶିକ୍ଷଣର ସୁଯୋଗ, ଗ୍ରାନ୍ଥାଗାର ବା ଗବେଷଣା ଗାରର ସୁବିଧା । ମାତ୍ର ତାଙ୍କଠାରେ ଥିଲା ଦୃଢ଼ ଆତ୍ମ ପ୍ରତ୍ୟୟ, ଏକନିଷ୍ଠ ସ୍ୱାଧ୍ୟାୟ, ଗାଣିତ ଜିଜ୍ଞାସା, ମୌଳିକ ଚିନ୍ତା ଓ ଚେତନା, ତାର୍କିକ ଅବବୋଧ, ତପସ୍ୱୀ ସୁଲଭ ନିଷ୍ଠା ଓ ଗଭୀର ଭାଗବତ ବିଶ୍ୱାସ । ଉତ୍କଳର ଏହି ପବିତ୍ର ମାଟିରେ ଜନ୍ମିଥିଲେ ବିଶ୍ୱ ପ୍ରସିଦ୍ଧ ଦୁଇଜଣ ଜ୍ୟୋତିର୍ବିଜ୍ଞାନି । ସେହି ମନୀଷୀ ଦ୍ୱୟ ହେଉଛନ୍ତି 'ଶତାନନ୍ଦ' ଓ 'ପଠାଣି ସାମନ୍ତ' । 'ଶତାନନ୍ଦ ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ ପୁରୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚିତ ମହାନ୍ ପୋଥି ହେଉଛି 'ଭାସ୍ୱତୀ' । ଏହି ଭାସ୍ୱତୀ ଗ୍ରନ୍ଥକୁ ଅଧ୍ୟୟନ, ଅନୁଧ୍ୟାନ ଓ ଅନୁଶୀଳନ କରି ବିଶ୍ୱର ଜ୍ୟୋତିଷ ତଥା ପଣ୍ଡିତ ଗଣ 'ସୂର୍ଯ୍ୟପରାଗ' ଓ 'ଚନ୍ଦ୍ରଗ୍ରହଣ' ସଠିକ୍ ଗଣନା କରିବାରେ ସକ୍ଷମ ହେଉଥିଲେ ।

ଅନ୍ୟଜଣେ ମନିଷୀ ହେଉଛନ୍ତି ବିଶ୍ୱବିଖ୍ୟାତ ଜ୍ୟୋତିର୍ବିତ 'ପଠାଣି ସାମନ୍ତ' ପୁରୀ ବିହାର, ସବୁଜ, ସୁନ୍ଦର ବଣ ପାହାଡ଼ ଘେରା ଏକ କ୍ଷୁଦ୍ର ଭୂଖଣ୍ଡ 'ଖଣ୍ଡପଡ଼ା' । ଖଣ୍ଡପଡ଼ାର ଜୀବନରେଖା ଚିତ୍ରୋପଳ ନଦୀ' ଓ ମୁକୁଟ ହେଉଛି 'ଗୋଣିଙ୍ଗା ଓ ରାଜଗିରି ପାହାଡ଼ । ସେହି ଖଣ୍ଡପଡ଼ା ରାଜବଂଶର ଜାତ ଜଣେ ଜ୍ଞାନୀ, ଗୁଣି ଓ ସମ୍ମାନନୀୟ ବ୍ୟକ୍ତି ହେଉଛି 'ବ୍ୟାସବନ୍ଧୁ ସିହ ସାମନ୍ତ, ତାଙ୍କର ପତ୍ନୀ ରାଜକୋଟ ରାଜାଙ୍କ ଝିଆରୀ 'ବିଷ୍ଣୁମାନୀ' । ସେମାନଙ୍କଠାରୁ ନଅଜଣ କନ୍ୟା ଜନ୍ମ ହେବା ପରେ ଏକାଦଶ ଗର୍ଭରେ ମହାଦେବ ରାମେଶ୍ୱରଙ୍କ କୃପାରୁ ଜନ୍ମହେଲା ପୁତ୍ରଟିଏ । ସେଦିନ ଥିଲା ୧୮୩୫ ମସିହା ଡିସେମ୍ବର ମାସ ତେର ତାରିଖ ରବିବାରରେ ଜନ୍ମ ହେଲେ 'ଚନ୍ଦ୍ରଶେଖର' । ଘରେ ଆନନ୍ଦ ମୁଖର ପୁତ୍ରଜନ୍ମ ପାଇଁ । ମାତ୍ର ଦୁଃଖରେ ମ୍ରିୟମାଣ ଜନନୀ ବିଷ୍ଣୁମାଳୀ । ପୂର୍ବରୁ ବଡ଼ପୁଅ ଓ ବଡ଼ଝିଅଙ୍କର ମୃତ୍ୟୁ ହୋଇଥିବାରୁ ମନରେ ଯମର ଭୟ । ପୂର୍ବ ପ୍ରଥା ମତେ ମାତା କୁନିପୁଅକୁ ଅପଭ୍ୟାଣୀ କରିଦେବାକୁ ସ୍ଥିର କରି ମାତ୍ର ଦଶପାହୁଲାରେ ମୁସଲମାନ ଫକୀରକୁ ବିକି ଦେଲେ । ଚନ୍ଦ୍ରଶେଖରଙ୍କୁ ଜଣେ 'ପଠାଣ' କିଣି ନେଇଥିବାରୁ ତାଙ୍କର ନାମ ଚନ୍ଦ୍ରଶେଖରରୁ 'ପଠାଣି' ହୋଇଗଲା । ରାଜା ପୁଅ ହୋଇଥିବାରୁ 'ସାମନ୍ତ' ପଦ ନାମ ସହ ଜୋଡ଼ି ସେ 'ପଠାଣି ସାମନ୍ତ' ହୋଇଗଲେ ।

ପିତା ଶ୍ୟାମବନ୍ଧୁଙ୍କର ସଂସ୍କୃତ ସାହିତ୍ୟରେ ଗଭୀର ଜ୍ଞାନ ସହ ଭକ୍ତିଗ୍ରନ୍ଥ ସ୍ମୃତିଶାସ୍ତ୍ର, ବ୍ୟାକରଣ ଓ ଜ୍ୟୋତିଷ ଶାସ୍ତ୍ରରେ ବି ଅସାଧାରଣ ଜ୍ଞାନ ଥିଲା । ପିତାଙ୍କର ପୁସ୍ତକ ପ୍ରେମ ଜ୍ଞାନ ଲାଭର ପିପାସା ପୁତ୍ର ପଠାଣିଙ୍କ ଠାରେ କ୍ରମେ ପ୍ରତିଫଳିତ ହେଲା । ସୁଶିଳା, ଶିକ୍ଷିତା ସଂସ୍କାର ସମ୍ପନ୍ନା ତଥା ଧର୍ମ ପ୍ରଣା ଜନନୀଙ୍କର ପ୍ରଭାବରେ ବି ପ୍ରଭାବିତ ହୋଇଥିଲେ ପୁତ୍ର ପଠାଣି । ସେ ଥିଲେ ମାତାଙ୍କ ପରି ଗଭୀର ଈଶ୍ୱର ବିଶ୍ୱାସୀ ଓ କର୍ତ୍ତବ୍ୟ ପରାୟଣ ।

ସେତେବେଳେ ପିଲାକୁ ଚାରିବର୍ଷ, ଚାରିମାସ, ଚାରିଦିନ ହେବା ପରେ ହିଁ କୌଣସି ଶୁଭଦିନ ଦେଖି 'ବିଦ୍ୟାରମ୍ଭ' ହୋଇଥିଲା । ପଠାଣି ବି ପାଞ୍ଚବର୍ଷ ବୟସରେ ବାଲ୍ୟଶିକ୍ଷା ଆରମ୍ଭ କରିଥିଲେ । ସେ ଦେଖିବାକୁ କଳା ଓ ଅସୁନ୍ଦର ଥିଲେ ବି ବୁଦ୍ଧି ଥିଲା ଅତି ପ୍ରଚାର । ସାତବର୍ଷ ବେଳକୁ ତାଙ୍କର ଚାଟଶାଳୀ ପଢ଼ା ଶେଷ ହେଲା । ପରେ ସେ ପିତାଙ୍କର ଗୁରୁ ଆନନ୍ଦ ଖଡ଼ିରତ୍ନଙ୍କ ଠାରୁ ସଂସ୍କୃତ ସହ 'ମେଘଦୂତମ୍', ହଂସଦୂତମ୍' ଓ 'କରିତାର୍ଜୁନୀୟ କାବ୍ୟ ଅଧ୍ୟୟନ କଲେ । ତାଙ୍କର ଅସାଧାରଣ ସ୍ମରଣ ଶକ୍ତି ଯୋଗୁଁ ସେ ସମସ୍ତ କାବ୍ୟ ଓ ପୋଥିକୁ ବେଶ୍ ଭଲ ଭାବରେ ମନେ ରଖି ପାରୁଥିଲେ ।

ଏହାପରେ ଭୁବନେଶ୍ୱର ବଡ଼ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ବ୍ୟାକରଣ, ଆୟୁର୍ବେଦ ଓ ବେଦାନ୍ତ ପଢ଼ିବା ସହ 'ତର୍କ ସଂଗ୍ରହ' ଓ 'ସାହିତ୍ୟ ଦର୍ପଣ' ଗ୍ରନ୍ଥ ଦ୍ୱୟକୁ ଅଧ୍ୟୟନ ଓ ଅନୁଶୀଳନ କରିଥିଲେ । ସେତେବେଳେ ଖଣ୍ଡପଡ଼ାରେ ପଶ୍ଚାତ୍ୟ ଇଂରାଜୀ ଶିକ୍ଷାର ପ୍ରବେଶ ନଥିବାରୁ ସେ ଇଂରାଜୀ ଶିକ୍ଷାରୁ ବଞ୍ଚିତ ଥିଲେ । ମାତ୍ର ସେ ମନୁସଂହିତା, ଯାଜ୍ଞବଳୟ, ପରାଶର ସଂହତା ପରି ଅନେକ ଶାସ୍ତ୍ର ଅଧ୍ୟୟନ ଓ କଣ୍ଠସ୍ଥ କରିଥିଲେ । ସେ ପ୍ରତିଦିନ ମହାଭାରତ, ଭାଗବତ, ନୃସିଂହ ପୁରାଣ ଆଦି ପଢୁଥିଲେ । ସେ ଉଭୟ ଫଳିତ ଜ୍ୟୋତିଷ ଓ ଗଣିତ ଜ୍ୟୋତିଷରେ ଖୁବ୍ ନିପୁଣ ଥିଲେ ।

ତାଙ୍କ ସମୟକୁ ଜ୍ୟୋତିର୍ବିଜ୍ଞାନୀରେ ସେମିତି କିଛି ଅଧିକ ଗ୍ରନ୍ଥ ବା ପୋଥି ନଥିଲା । ସେ ସମସ୍ତ ଗ୍ରନ୍ଥ ଓ ପୋଥିମାନଙ୍କୁ ଅଧ୍ୟୟନ, ବିଶ୍ଳେଷଣ, ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ଦ୍ୱାରା କେତେକ ଭୁଲ ତଥ୍ୟ ବି ପାଇଲେ । ତାଙ୍କ ପୂର୍ବରୁ ପ୍ରଣୀତ ଓ ପ୍ରଚଳିତ ଥିବା ଗ୍ରନ୍ଥମାନଙ୍କରେ ଗ୍ରହ, ନକ୍ଷତ୍ର ଓ ନିରୋମଣ୍ଡଳୀୟ ପିଣ୍ଡମାନଙ୍କ ସମ୍ବନ୍ଧରେ ପରିବେଶିତ ତଥ୍ୟକୁ ସେ କେବଳ ପର୍ଯ୍ୟବେକ୍ଷଣ କରିନାହାନ୍ତି, ବରଂ ତାହାକୁ ତନ୍ନ ତନ୍ନ ଅନୁଶୀଳନ କରିବା ସହ ଅନେକ ପରୀକ୍ଷା ନିରୀକ୍ଷା ବି କରିଛନ୍ତି । ଯାହା ତାଙ୍କ ଦ୍ୱାରା ଅସିଦ୍ଧ ବୋଲି ପ୍ରମାଣିତ ହୋଇଛି ସେଥିପାଇଁ ସେ କଠୋର ପରିଶ୍ରମ କରି ସେସବୁର ବିହିତ ସଂସ୍କାର, ସଂଶୋଧନ ଓ ସମାଧାନ କରିଛନ୍ତି । ଚାଲିଚଳନ ଓ ଜୀବନଚର୍ଯ୍ୟାରେ ସେ ପରମ୍ପରା ପ୍ରବଣ ଓ ଆଧାତ୍ମିକବାଦୀ ହୋଇଥିଲେ ବି ମାନସିକ ସ୍ତରରେ ଥିଲେ ଜଣେ ସାଲିସ୍‌ବିହୀନ ତତ୍ତ୍ୱଦର୍ଶୀ ବୈଜ୍ଞାନିକ । ଜ୍ଞାନ- ବିଜ୍ଞାନ- ପ୍ରଜ୍ଞାନ- ଅଧ୍ୟୟନ- ଅନୁଶୀଳନ ଓ ବିତର୍କ ଆଦି ଅନେକ ବିଜ୍ଞାନ ସୁଲଭ ଗୁଣାବଳୀର ସୂଚନା ଓ ସଂକୋଚର ସମାହାର ହେଉଛି ତାଙ୍କ ସୃଷ୍ଟି 'ସିଦ୍ଧାନ୍ତ -ଦର୍ପଣ ! ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ହେଉଛି ତାଙ୍କ ଦୀର୍ଘ ତେଇଶବର୍ଷ (୧୮୬୯ରୁ ୧୮୯୨ ପର୍ଯ୍ୟନ୍ତ) ସାଧନାର ଫଳ । ସଂସ୍କୃତ ଭାଷାରେ ଦେବିନାଗରୀ ଲିପିରେ ୨୫୦୦ ଶ୍ଳୋକ ସନ୍ନିବେଶିତ ମହାର୍ଘ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ସେ ସମୟରେ ଏକ ବିସ୍ମୟ ଥିଲା । ଆଜି ଓ ଆଗାମୀ କେତେ ପିଢ଼ିଙ୍କ ନିମନ୍ତେ ଏ ଗ୍ରନ୍ଥଟି ବିଶ୍ୱରେ ଏକ ଶ୍ରେଷ୍ଠ ଗ୍ରନ୍ଥ ଭାବରେ ବେଶ୍ ଆଦୃତି ଲାଭ କରିବ । ଉକ୍ତ ଗ୍ରନ୍ଥଟି ଗଣିତ, ବିଜ୍ଞାନ ଓ ଉଚ୍ଚାଙ୍ଗ ସାହିତ୍ୟର ଏକ ତ୍ରିବେଣୀ ସଙ୍ଗମ କହିଲେ ଅତ୍ୟକ୍ତି ହେବ ନାହିଁ ।

ଅନେକ ଜ୍ୟୋତିର୍ବିଜ୍ଞାନୀ ମତ ଦିଅନ୍ତି ଏବେ ମିଳୁଥିବା ପ୍ରାୟ କୋଡ଼ିଏଟି (୨୦) ସିଦ୍ଧାନ୍ତ ଗ୍ରନ୍ଥ ମଧ୍ୟରେ 'ସିଦ୍ଧାନ୍ତ ଦର୍ପଣ' ହିଁ ସର୍ବଶ୍ରେଷ୍ଠ । ଏହା କେବଳ ଏକ ଗାଣିତିକ ବିବରଣୀ ସମ୍ବଳିତ ଗ୍ରନ୍ଥ ନୁହେଁ ବରଂ ସଂସ୍କୃତ ଭାଷାର ଏକ ଉଚ୍ଚାଙ୍ଗ କାବ୍ୟର ଶ୍ରେୟ ବହନ କରେ ।

ସାମନ୍ତ ଚନ୍ଦ୍ରଶେଖର ଅନୁଶୀଳନ ରାଜାଙ୍କ କନ୍ୟା ସୀମାଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଞ୍ଚପୁତ୍ର ଥିଲେ । ଦୁଇ ପୁତ୍ରଙ୍କର ଅକାଳ ବିୟୋଗ ଘଟିଥିଲା । ଜ୍ୟେଷ୍ଠ ପୁତ୍ର ପୀତବାସ ମଧ୍ୟମ ପୁତ୍ର ଗଦାଧର ଓ କନିଷ୍ଠ ପୁତ୍ର ଚକ୍ରଧର ଜଣେ ଜଣେ ଧୁରୀଣ ପଣ୍ଡିତ ଥିଲେ । ପଠାଣି ନିଜ ପରମାୟର ଗଣନା କରି ମଧ୍ୟମ ପୁତ୍ର ଗଦାଧରଙ୍କୁ ଧରି ଅନ୍ତିମ ଦିନରୁ ଷୋହଳ ଦିନ ପୂର୍ବରୁ ଖଣ୍ଡପଡ଼ା ବାସଭବନ ଛାଡ଼ି ଜଗନ୍ନାଥ ଧାମ ପୁରୀକୁ ଯାତ୍ରା କଲେ । ପୂର୍ବରୁ ବି ସେ ମାପି ଜାଣିଥିଲେ ଖଣ୍ଡପଡ଼ାରୁ ସିଂହଦ୍ୱାର ଦୂରତା ୧ଲକ୍ଷ ୫୦ହଜାର ୨୦୦ ପାହୁଣ୍ଡ । ଏହା ଦୂରତାକୁ ଅତିକ୍ରମ କରି ପାଲିଙ୍କର ତିନିଦିନ ପରେ ପୁରୀରେ ପହଞ୍ଚିଥିଲେ । ଶାରୀରିକ ଦୁର୍ବଳତା ସତ୍ତ୍ୱେ ଜଗନ୍ନାଥ ଦର୍ଶନ ସହ ବେଢ଼ା ପରିକ୍ରମା କରି ମାର୍କଣ୍ଡ ସାହିରେ ପାରିକୁଦ ରାଜାଙ୍କ ଘରେ ରହିଲେ । ସେଠାରୁ ନୀଳଚକ୍ରକୁ ଦେଖି ଜଗନ୍ନାଥ ସ୍ତୁତି କରନ୍ତି । ସେଦିନ ଥାଏ ୧୯୦୪ ମସିହା ଜୁନ୍ ମାସ ୧୧ ତାରିଖ ଜେଷ୍ଠ ମାସର କୃଷ୍ଣ ଦ୍ୱାଦଶୀ ଶନିବାର । ଜ୍ୱର କ୍ରମଶଃ ବଢ଼ି ଚାଲିଲା । ନିଃଶ୍ୱାସୀ ବେଗ ବି ବଢ଼ିଲା । ହେଲେ ପୁତ୍ରଙ୍କୁ ଆଦେଶ ଦେଲେ ସ୍ନାନ କରାଇ ଦେବୀକୁ । ପୁତ୍ର ଆଦେଶ ମତେ ସ୍ନାନ କରାଇ ଦେଲେ । ପରିଷ୍କାର ଲୁଗାରେ ପୋଛିଦେଲେ, ପାଟ ବସ୍ତ୍ର ପିନ୍ଧାଇ ଦେଲେ । ମସ୍ତକର ଦିନକ ଲଗାଇ ଦେଲେ ତୁଳସୀମାଳ ପକାଇ ଦେଲେ । ଧଳା ଦେରରେ ଶୁଆଇ ଦେଲେ । ନୀଳ ଚକ୍ରକୁ ଚାହିଁ ଜଗନ୍ନାଥ, ଜଗନ୍ନାଥ ଅଅତି କ୍ଷୀଣ ସ୍ୱରରେ ଉଚ୍ଚାରଣ କଲେ । କ୍ରମେ କଣ୍ଠ କ୍ଷୀଣ ହେବା ହେ ଆଖି ମୁଦି ହୋଇ ଆସିଲା । ମୁଣ୍ଡ ଦକ୍ଷିଣକୁ ନବି ପଡ଼ିଲା । ତାଙ୍କର ମହାପ୍ରୟାସ ଘଟିଲା ।

ଓଡ଼ିଶାର ତତ୍କାଳୀନ ପ୍ରମୁଖ ପତ୍ରପତ୍ରିକାରେ ସ୍ମୃତିଚାରଣ ପୂର୍ବକ ଲେଖାମାନ ପ୍ରକାଶିତ ହେଲା । ବିଭିନ୍ନ ସ୍ଥାନରେ ଶୋକ ସଭା ଅନୁଷ୍ଠିତ ହେଲା । ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା । ଓଡ଼ିଶାର ସାରସ୍ୱତ ବରପୁତ୍ର ଫକୀରମୋହନ ଓ ରାଧାନାଥ ରାୟ ସାମନ୍ତଙ୍କର ଭୂୟସୀ ପ୍ରଶଂସା କରି ଗୁଣଗାନ କଲେ । ତାଙ୍କର ସ୍ମୃତି ରକ୍ଷା ପାଇଁ ପୁରୀର ସରକାରୀ ମହାବିଦ୍ୟାଳୟକୁ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ନାମିତ କରାଗଲା । ଏହା ପରେ ଓଡ଼ିଶାର ଏକମାତ୍ର ପ୍ଲାନେଟୋରିୟମକୁ ତାଙ୍କ ନାମରେ ଉତ୍କର୍ଷ କରାଗଲା । ଭାରତ ସରକାର ମଧ ତାଙ୍କ ନାମରେ ଏକ 'ଡାକଟିକଟ' ପ୍ରଚଳନ କରାଇଲେ । ତାଙ୍କର ସ୍ମୃତି ରକ୍ଷା ପାଇଁ ସମସ୍ତ ସ୍ତରରରେ ବିଶେଷ ଉଦ୍ୟମ ହେବା ଆବଶ୍ୟକ । ତେଣୁ ତାହାହିଁ ହେବ ତାଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।


ପ୍ରଜ୍ଞାନୀଡ଼
ବସନ୍ତ ବିହାର,
ଶୋଭାରାମପୁର, ବାଲେଶ୍ୱର-
୭୫୬୦୦୧
ମୋ: ୮୮୯୫୯୮୮୮୮୪


## କାଞ୍ଜିଆଗଦା



ଅଜୟ କୁମାର ବେହେରା

ଗ୍ରାମ ମାନଙ୍କରେ ଖରାଦିନେ ଗୋରୁ ସବୁ ଖୁଣ୍ଟରୁ ଖୋଲା ଯାଇ ମେଲା ବୁଲିବାକୁ ଛାଡ଼ି ଦିଆଯାଉଥିଲା । ଗାଁ ଗହଳିରେ ଗୋରୁଗାଇ ଅନେକ ଥିଲେ ଗ୍ରାମରେ ଅନେକ ଗୋଚାରଣ ଗୋଚର ଭୂମି ରହିଥିଲା । ତତ୍କାଳ ଖରାଦିନେ ବିଲରେ କାଂଭା କିଛି ପରିବାଚାଷ ରହିଥିଲେ ବି ବହୁଜମକି ଫାଙ୍କା ଥାଏ ଓ ହିଡ଼ ଓ ଜମିରେ ଘାସ ହୋଇଥାଏ । ଗୋରୁ ଫାଙ୍କା ଧାନ କ୍ଷେତ୍ରରେ ବୁଲି ମଳତ୍ୟାଗ ଓ ପରିସ୍ରାଦି କରିଲେ ମାଟି ଉର୍ବର ହେବା କାରଣରୁ କେହି ଏହାକୁ ବାରଣ କରନ୍ତି ନାହିଁ । ହେଲେ ପଶୁ ଜନ୍ତୁଙ୍କର ମସ୍ତିଷ୍କ ଏତେ ଉର୍ବର ନୁହଁ ସେମାନେ ବିଲରେ ବୁଲିବା ସହିତ କାହାର ବାଡ଼ି ବଗିଚାରେ ପଶି କିଛି ଶାଗାଦି ଫସଲ ସାରୁଗଛ, କଖାରୁ ଗଛ, ଜହ୍ନି ଭେଣ୍ଡି ପୋଇ ଆଦି ଉଜାଡ଼ିଥାନ୍ତି । ଏଥିରେ ଲୋକେ ଗୋରୁ ଗୁଡ଼ିକୁ ଅନ୍ୟତ୍ର ତଡ଼ି ଅଡ଼ାଇ ଦେଇ ପାରନ୍ତି ମାତ୍ର କିଛି ଆକ୍ରୋଶ କରି ବା ଏକ ଆଳରେ ଅନ୍ୟର ଗୋରୁଙ୍କୁ ନିର୍ଦ୍ଧୁମ ପିଟନ୍ତି, ଟେଳା ଫୋପାଡ଼ନ୍ତି । କିଲି କିଲି କରି ଘଉଡାଇ ଦିଅନ୍ତି ଏପରି ଅନେକ ଗୋରୁ କ୍ଷତ ବିକ୍ଷତ ହୁଅନ୍ତି । ଏହାବାଦ ଜଣେ ସ୍ୱାର୍ଥପର ତାଙ୍କର ଫସଲର ନା ଗନ୍ଧି ନାହିଁ । ଏଇ ଗୋରୁଙ୍କୁ ଘେରି ଅଡ଼ାଇ ନେଇ ସ୍ଥାନୀୟ କାଞ୍ଜିଆଗଦାରେ ପୁରାଇ ସେଠାରୁ କିଛି ପଇସା ଫଳର ନାମରେ କ୍ଷତିପୂରଣ ନେଇ ଆସନ୍ତି । ଏଣେ ଗୋରୁଟିର ମାଲିକ ଖୋଜି ଖୋଜି ଥକତ ହୋଇ ଏଣେ ତେବେ ପଶୁଟିର ସନ୍ଧାନ କଲାବେଳେ ତାଙ୍କୁ କେହି କହିଥାଏ ତୁମ ଗୋରୁ କାଞ୍ଜିଆଗଦାର ରହିଛି ଯାଇଁ ଦେଖ । କାଞ୍ଜିଆଗଦା ଏକ ସରକାରୀ ନିଲାମ ଡକା ସଂସ୍ଥାରେ ଆସେ । ଏହାକୁ କେହି ପଟ୍ଟାଦାର ଧରିଥାନ୍ତି । ଗୋପରା ଜୀବୁକୁ ଖରା ଦିନେ ଖାଦ୍ୟପେୟରୁ ବଞ୍ଚିତ କରି କଷ୍ଟଦେବା ଅନେକ ଧର୍ମପ୍ରାଣ ବ୍ୟକ୍ତିଙ୍କ ଅନ୍ତରାତ୍ମା ଅନେକ ବିଦ୍ରୋହ କରେ ଏ ପାଇଁ କିଛି ଇସଲାମିକ ବ୍ୟକ୍ତି ଏପରି ନିଲାମ ଧରିଥାନ୍ତି । ଯଦି ଗୋରୁ ମାଲିକ ଏହି ଗୋରୁକୁ ସାତ ଦିନ ମଧ୍ୟରେ ନ ନିଅନ୍ତି ତେବେ ସେମାନେ ଡେଙ୍ଗୁରାପିଟି ଗୋରୁ ନିଲାମ କରନ୍ତି । କାଞ୍ଜିଆଗଦାକୁ ଗୋରୁ ଗଲେ ଏଥିରେ ଦିନକୁ କେତେ ଟଙ୍କା ଧାର୍ଯ୍ୟ ଥାଏ । ଏହା ଯେତେ ଦିନ ରହେ ସେତେ ଦିନକୁ ଦିନ ଧାର୍ଯ୍ୟ ଗୁଣନ କରି ସେତିକି ନଟଙ୍କାରେ ଅସୁଲ ଦେଇ ଗୋରୁକୁ ମାଲିକ ଆଣିପାରନ୍ତି ନଚେତ ନିଲାମ ହୁଏ । ସାଧାରଣତଃ ପଶୁ ପାଳକମାନେ ସ୍ୱଭାବତଃ ଦରିଦ୍ର ସେମାନେ ଏତେ ପଇସା ପାଇବା ଏକ କାଳୀନ ଅସମ୍ଭବ ଥାଏ ଏଣେ ପଶୁ ମୋହଥାଏ, ଅନେକ ବନ୍ଧାଛନ୍ଦା ପକାଇ ପଶୁଟିକୁ ମୁକାଳିଥାନ୍ତି ।

କେବଳ ଗୋରୁ ନୁହଁନ୍ତି ମଈଷୀ ଛେଳି ମେଣ୍ଢା ଘୁଷୁରୀ ବି ଏହି କାଞ୍ଜିଆଗଦାରେ କେହି ନେଇପକାନ୍ତି । ମଇଁଷୀ ଗୋରୁ ଛେଳି ମେଣ୍ଢା ଏସବୁ ସବୁ ଧର୍ମର ଲୋକଙ୍କର ଆବଶ୍ୟକ ମାତ୍ର ଘୁଷୁରୀ ଇସଲାମ ଧର୍ମର ନାକଟେକା ଜୀବ । ଏ ପୁଣି ଏକ ଦୁଇ ନୁହଁ ଏକ ଗୋଠ ଘୁଷୁରୀ କେହି ନେଇ କାଞ୍ଜିଆଗଦାରେ ଜମା କରି କିଛି ଫସଲର ଦ୍ୱାହିରେ କ୍ଷତି ପୂରଣ ନେଇଥାନ୍ତି ହେଲେ ଘୁଷୁରିଆମାନେ ଘୁଷୁରୀ ପାଇଁ କାଞ୍ଜିଆଗଦାକୁ ଯାଇ ଘୁଷୁରୀକୁ ନେବା ପାଇଁ ଅନୁରୋଧ କରନ୍ତି ତତସହିତ ତାଙ୍କ ପାଖରେ ପଇସା ନାହିଁ କହନ୍ତି ଯଦି ଏଥିରେ କାଞ୍ଜିଆଗଦା ମାଲିକ ସେତିକି ବେଳୁ ହଇରାଣରେ ପଡ଼ିବା ଆରମ୍ଭ ହୁଏ । କାଞ୍ଜିଆଗଦାର ଚାରିପଟ ସୀମା ଗଛ ବାଡ଼ ବନ୍ଦୀରେ ଥାଏ ଆଉ ଭିତରେ ଚଟାଣ କେବଳ ମାଟିର ଥାଏ ଘୁଷୁରୀମାନେ ଭୀଷଣ ରଡ଼ି ସହିତ ମାଟି ଚଟାଣ ତାଡ଼ିବା ଆରମ୍ଭ କରିବେ । ଭେଡ ଭାଙ୍ଗି ପଦାକୁ ପଳାଇବାକୁ ଚେଷ୍ଟା କରିବେ ଭୋକଶେଷରେ କାମୁଡ଼ା କାମୁଡ଼ି ଆରମ୍ଭ କରିବେ । କାଞ୍ଜିଆଗଦା ମାଲିକ ଯଦି ଇସଲାମିକ ଲୋକ ତେବେ ସେ ଘୁଷୁରୀ ଖାଦ୍ୟ କେଉଁଠୁ ସଂଗ୍ରହ କରିବେ ପୁଣି ଘୁଷୁରୀ ନିଲାମ କିଏବା ଧରିବେ ? ସମସ୍ୟା ସମୟାନ୍ତରକୁ ବଢ଼ି ବଢ଼ି ଚାଲେ ଏପରି ମୋ ପଶୁଙ୍କୁ ପିଇବାକୁ ଖାଇବାକୁ ନ ଦେଇ ଆବଦ୍ଧ କରି ରଖି ପ୍ରାଣହାନୀ ଚେଷ୍ଟା କରାଯାଉଛି ଏ ପାଇଁ ଅଦାଲତ ମାମଲା ବି କରିପାରିଚି । ପଶୁଟିର ମାଲିକ କରିପାରନ୍ତି । ଏ ପାଇଁ ଘୁଷୁରୀ କାଞ୍ଜିଆଗଦାରେ ପକାଇବା ଏକ ସମସ୍ୟା ।

ମଇଁଷୀଗୋରୁ ଛେଳି ମେଣ୍ଢା ପାଇଁ ଏତେ ସମସ୍ୟା ନଥିଲେ ବି ପଶୁ ମାନଙ୍କୁ ଜଳ ଖାଦ୍ୟ ଯୋଗାଇବା ପାଇଁ ନିହାତି ଆବଶ୍ୟକ । ଏମିତି ଦେହ ଅସୁସ୍ଥର ଚିକିତ୍ସା କରିବାକୁ ପଡ଼ିଥାଏ । ପଶୁ ବି ଏକ ଜୀବ, ପ୍ରାଣୀ, ସରକାର ପ୍ରାଣୀ ଧନ ସଂସ୍ଥା ଖୋଲିଛନ୍ତି । ସରକାର ଏଣେ ଗୋଚର ଦଣ୍ଡାଭୂମି କେଉଁଠି ରଖିନାହାଁନ୍ତି ଜଙ୍ଗଲ ତଡ଼ାଯାଇ ଚାଷ ବାସ ଭୂମି ହୋଇଗଲାଣି । ମୂଲ୍ୟବାନ ଫସଲ ସର୍ବଦା ଉଦବୃତ୍ତ ଚାଷ ଜମିରେ ସର୍ବଦା ଲାଗିରହୁଛି । ଧାନ ବିଲରୁ ଆଉ ନଡ଼ା ମିଳୁ ନାହିଁ । ଛଣ ଗାଡ଼ି ଧାନକଟା ପରେ ପରେ ରାସ୍ତାରେ ଦେଖିବାକୁ ମିଳୁନାହିଁ । ନଡ଼ା ଘର ଏବେ ଦୁର୍ଲ୍ଲଭ ଅତଏବ ନଡ଼ା ଓ କୁଟା, ଘାସ, କୋଡ଼ି ଏବେ ପଶୁ ଖାଦ୍ୟରୁ ଦୂରେଇଗଲାଣି । କେତେ ଗୋଖାଦ୍ୟ ପଶୁପକ୍ଷୀ ଖାଦ୍ୟ କିଣାଯିବ ? ଏ ପାଇଁ ପଶୁ ଶୂନ୍ୟ ହେଉଛନ୍ତି । ଯେତେ ଉଦବାୟୀ ପଦାର୍ଥ ମାନବ ବ୍ୟବହାରରୁ ବାହାରେ ତା ମଧ୍ୟରେ ଧାନଚାଷର ନଡ଼ା, ମୁଗ, ବିରି, କୋଳଥାଦିର ବୋଟି, ଚୋପା, କୁଣ୍ଡା ପଶୁମାନେ ଖାଉଥିଲେ ଯାହା ସମୟ ଆସିଛି ଏସବୁ ଏବେ ଦୁର୍ଲଭ ସରକାର ପ୍ରାଣୀ ଧନ ବିଭାଗ କରିଲେ ଜଙ୍ଗଲିପଶୁଙ୍କ ପାଇଁ ଯେମିତି ଖୁଆଡ଼ କରି ପଶୁ ଦେଖିବା ପାଇଁ ଟିକେଟ ବ୍ୟବସ୍ଥା କରିଛନ୍ତି ହୁଏତ କିଛିଦିନ ପରେ ଏହି ଗ୍ରାମ୍ୟ ଗୃହପାଳିତ ପଶୁ ମାନଙ୍କୁ ଲୋକଙ୍କୁ ଦେଖାଇବା ପାଇଁ ଏମିତି ଟିକେଟ କଟା ଦର୍ଶନ ହୋଇପାରେ ।

ଋଷିମୂନୀ ଆଶ୍ରମରେ ଗୋରୁ ଗାଇ ଥିଲେ ଏସବୁ ପୂଣ୍ୟ ଅର୍ଜନରେ ଜୀବ । ପୁରାଣ ଶାସ୍ତ୍ରରେ ଗୋ ସେବାକୁ ପ୍ରାଧାନ୍ୟ ଦିଆଯାଇଛି । ଗୋପାଳକ ସମ୍ପ୍ରଦାୟ ଏକ ଅଛନ୍ତି । ଦୁଗ୍ଧ ଏକ ବଣିଜ ଦ୍ରବ୍ୟ ହୋଇଯାଇଛି ଯାହାକୁ ସରକାରୀ ବାଣିଜ୍ୟରେ ନିଆଗଲାଣି । ଏଣେ ଗୋଖାଦ୍ୟ ଦାମ ଅତିରିକ୍ତ ଥିରେ ଗୋ ସଂଖ୍ୟା ବୃଦ୍ଧି କେବେ ହୋଇପାରୁନାହିଁ । କେବଳ ସହରରେ ଫିଟା ଗୋରୁ ଦେଖିବାକୁ ମିଳୁଛନ୍ତି । ଗାଁ ଗହଳିରେ ଷଣ୍ଢ ଅନେକ ଏମିତି ବୁଲୁଛନ୍ତି ଗାଈ ବଳଦ ଦେଖାଯାଉ ନାହାଁନ୍ତି କେବଳ ହାଟ ବାରିରେ ରାସ୍ତରେ ହାଟକୁ ନହେଲେ କଂସେଇ ଖାନାକୁ ଗୋରୁ ଯିବା ଦେଖାଯାଉଛି । ରାଜା ଯେ ହୁଅନ୍ତି ସେ ଗୋ-ବ୍ରାହ୍ମଣ ହିତକାରୀ ହେବାକୁ ଶାସ୍ତ୍ର ଭକ୍ତିରେ ଅଛି । ଏବେ ଭୋଟରେ କେହି ପ୍ରାର୍ଥୀ ତୁମର ଗୋରୁ ପାଇଁ ବ୍ୟବସ୍ଥା କରିବା ଏମିତି ଇସ୍ତାହାର କେବେ ଦେଖିବାକୁ ମିଳୁନାହିଁ । ଆଗକୁ ଆଗ ଆଉ ପଶୁ ହୁଏତ ଅଦୃଶ୍ୟ ହୋଇଯିବେ । କେବଳ ଥାଉ ଗୋବିନ୍ଦ ଭଜ, ଗୋପାଳ ଭଜ ନକଲେ । ମନୁଷ୍ୟ ଜାତି ବି ଦିନେ ହଜିବା ଆରମ୍ଭ କରିବେ । ଆଉ କାଞ୍ଜିଆ ଗଦା କଣ କାମକୁ ଆସିବ ।


ବରେଣ ୫ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ: ୯୪୩୭୦୩୧୨୫୩





## ସନ୍ଧ୍ୟାର ଗାଁ

### ରାଜିବ ଲୋଚନ ସାହୁ

ଭୁଲିହୁଏ ନାହିଁ ସନ୍ଧ୍ୟାର ଗାଁ ।
ଦାଦନ ଶ୍ରମିକପରି ପବନ ଆସେ
ସନ୍ଧ୍ୟାର ଗାଁ'କୁ
ଲଫଙ୍ଗାଟୋକା ଛୁଇଁଲାପରି ମେଘ
ଛୁଏଁ
ସନ୍ଧ୍ୟାର ଛକକୁ ।
ଅବିହାଡ଼ି ଝିଅର ଛାତିପରି ରତୁସବୁ
ଦିଶେ
ସନ୍ଧ୍ୟାର ଗାଁ'ରେ !
ଏକାଏକା ସନ୍ଧ୍ୟା ମୋର ବୁଲେ
ବୋଲି
ଜହ୍ନ ଚାହେଁ ଡିମିରି ଆଖିରେ ।

ଦାନ୍ତୁରା ପାହାଡ଼, ଗୁଙ୍ଗୀ ନଈ,
ବେକାରୀ ପବନରେ
ସନ୍ଧ୍ୟାର ଗାଁ ।
ହଳଦୀ ଘାଟ, ଗାଁ ଦାଣ୍ଡ, ବିଜୁଳୀ
ରାତିରେ ଚର୍ଚ୍ଚା
ସନ୍ଧ୍ୟାର ନାଁ ।
ସନ୍ଧ୍ୟା ଗାଁ'କୁ ଗଲେ ପ୍ରଥମେ ନଈଟେ
ପଡେ ।
ମୋତେଲାଗେ କିଏ ମୁକାଳି ଦେଇଛି
ସନ୍ଧ୍ୟାର ବେଣୀ !
ତାପରେ ଟିକେ ବାଙ୍କିଲେ
ଦଳେ ଡକାୟତ ପରି ଛିଡ଼ା
ହୋଇଥାଏ ବାଉଁଶ ଝାଡି
କାନ୍ଧକୁ କାନ୍ଧ ଯୋଡ଼ି ।
ସନ୍ଧ୍ୟା କହେ ତୁମେ ସେଇଠି
ସାବଧାନ ଆସିବ
ସେମାନେ ଅପହରଣ କରିନିଅନ୍ତି ଆମ
ଗାଁ
ଝାଞ୍ଜି ଖରାବେଳକୁ !!

ମୁଁ ଅଟକିଯାଏ ସେଇଠି
ମୋତେଲାଗେ ଏକ ଆବେଗ
ପ୍ରେମିକଠାରୁ
କଣ ବା ନେଇପାରିବ କିଏ ?
ଏକଲା ବାଟୋଇର ଛାଇଛଡ଼ା ଅନ୍ତରଙ୍ଗ
ବେଶୀ ଆଉ କିଏ ?
ବନ୍ଧଭଂଗା ନଈପରି ସମୟ ଚାଲିଯାଏ
ମୋତେ ପଛକରି
ବାଉଁଶଝାଡିରୁ ଝୁଲି ଝୁଲି ଓହ୍ଲେଇଯାଏ
ଝାଞ୍ଜି ଖରାବେଳ
ସୂର୍ଯ୍ୟ ଆଖିବୁଜି ଡେଇଁପଡେ
ଚାଳପିଢ଼ାରୁ
ସନ୍ଧ୍ୟାଆସେ ନଈଘାଟ ଡେଙ୍ଗା ତାଳଗଛ
ପାଖରୁ ।

ସନ୍ଧ୍ୟା ଦୂରରୁ ଦିଶୁଥାଏ
ଲଘୁଚାପ ପରର ରୋମାଞ୍ଚିତ
ଆକାଶପରି
ଆଖିରେ ଥାଏ ତାର ଅନେକ ଅଦେଖା
ଦିନ
ଓଠରେ ଥାଏ ଅନେକ ଅଫୁଟା ଚୁମ୍ବନ
ମୁଁ ସ୍ତବ୍ଧ ହେଇଯାଏ କହିପାରେନାହିଁ କିଛି
ସନ୍ଧ୍ୟାର ପୂରିଲା ଦେହଠାରୁ ତୀବ୍ର
ଆଉ କେଉଁ ସମ୍ମୋହନ ?

ସନ୍ଧ୍ୟାକୁ ଆମର ଏମିତି ଦେଖା
ହେବାଟା
ଆଉ ଜମା ଭଲଲାଗେ ନାହିଁ ।
ସନ୍ଧ୍ୟା କହେ,
କାହିଁକି ଆସୁଛ ତୁମେ ?
ଫୁଲଟିଏ କଣ ହେଇପାରେ ଡାଳର !
ମୁଁ ବୁଝେଇ ପାରେନାହିଁ ସନ୍ଧ୍ୟାକୁ
ଫୁଲ ହେଇପାରେନାହିଁ ଡାଳର
ତଥାପି ଡାଳ ଟିଏ କଅଁଳେଇ ଦିଏ
ଡେମ୍ଫ !
କିଛି ନପାଇବାର ଆଶାଟେ ନିଃସ୍ୱାର୍ଥ
କିଛି ପାଇବାର ଆଶା ସ୍ୱାର୍ଥ
ଆଉ କିଛି ନପାଇବାର ଆଶାରେ
ନିଜ ସ୍ୱାର୍ଥକୁ ମାରିଦେବା ହିଁ ପ୍ରେମ !!
ସେଇଥି ପାଇଁ ତ ଫୁଲଟିଏ ଫୁଟୁଛି
ଗଛଟିଏ ବଞ୍ଚିଛି ।



ତମେ ଆଉ ମୋତେ ଆସିବାକୁ ମନା
କରନାହିଁ ସନ୍ଧ୍ୟା
ମୁଁ ଏମିତି ଆସୁଥାଏ ତୁମରି ଗାଁ'କୁ
ଭିନ୍ନ ଭିନ୍ନ ବାହାନା ଦେଇ
ତୁମେ ଆସ କି ନ ଆସ
ମୋ ସହ ଦେଖା କର ବା ନ କର
ତମେ ଥାଅ ଅବା ନ ଥାଅ
କିନ୍ତୁ ତମପରି ତୁମ ଏ ଗାଁ'ଟିଏ
ଥାଉ ।


ବାଲିଆପାଳ, ବାଲେଶ୍ୱର


## କିଏ ଆସେ ଚଢ଼ି ମେଘ ସବାରୀରେ

### ନୀଳମଣି ଚାନ୍ଦ



କିଏ ଆସେ ଚଢ଼ି ମେଘ ସବାରିରେ
ବାଦଲ ଓଢଣା ଦେଇ
ତା ପାଇଁ ଜଳୁଛି ବିଜୁଳିର କୁମ୍ପି
ବଜ୍ର ବାଣ ଫୁଟେ ଡାଇ ।

ଦକ୍ଷିଣରୁ ସିଏ ଆସିଛି ସିନାରେ
ନୀଳ ସିନ୍ଧୁ ହୋଇ ପାରି
ତାକୁ ଦେଖୁ ଦେଖୁ ନିଦାଘ କେଉଁଠି
ବସିଲାଣି ମନ ମାରି ।

ଆଷାଢ଼ ଶ୍ରାବଣ ତା'ର ଆଗମନ
ପଥକୁ ଅଛନ୍ତି ଚାହିଁ
କଦମ୍ବ କେତକୀ କିଆ ରହିଛନ୍ତି
ଏବେ ଫୁଟିବାର ପାଇଁ ।

ଟପର ଟପର ଝପର ଝପର
ମେଘ ହେବ ଅବିରତ
ଉଦ୍ଭିଦ ପ୍ରାଣୀଙ୍କ ସେବା କରିବାକୁ
ନେଇଛି ସତେ ଶପଥ ।

ଇନ୍ଦ୍ରଧନୁ, ସାଧବବୋହୂ ଡାକନ୍ତି
ଆ'ରେ ଆ ତୁ ଆ
ବେଙ୍ଗ ପଛେ ରଡୁ ନଈ ପଛେ ବଢୁ
ଶାନ୍ତ ହେବ ମାଟି ମାଆ ।


ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# କେଶ ରଖିବା ପରମ୍ପରା



ପ୍ରାଚୀନ କାଳରୁ ସ୍ତ୍ରୀମାନଙ୍କ ପାଇଁ ଲମ୍ୱା କେଶ ରଖିବା ପରମ୍ପରା ପ୍ରଚଳିତ। ଆଜି ମଧ୍ୟ ବଡ଼ ସଂଖ୍ୟାରେ ମହିଳାମାନେ ଏହି ପରମ୍ପରାକୁ ପାଳନ କରୁଛନ୍ତି। ସାଧାରଣ ରୂପେ ବିଶ୍ୱାସ କରାଯାଏ ଯେ, କେବଳ ମହିଳାମାନେ ହିଁ ଲମ୍ୱା କେଶ ରଖିବା ଉଚିତ କିନ୍ତୁ ପୁରାତନ ଯୁଗରେ ପୁରୁଷମାନେ ମଧ୍ୟ ଲମ୍ୱା କେଶ ରଖୁଥିଲେ। ଲମ୍ୱା କେଶ ରଖିବା ପଛରେ ଅନେକ ଧାର୍ମିକ କାରଣ ଥିବା ସହ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ବିଶ୍ୱାସ କରାଯାଏଯେ, ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ମସ୍ତିଷ୍କ ଅଧିକ ସମ୍ବେଦନଶୀଳ ହୋଇଥାଏ। କେଶ ରଖିବା ଦ୍ୱାରା ମହିଳାଙ୍କ ମସ୍ତିଷ୍କ ନିୟନ୍ତ୍ରିତ ରହିଥାଏ। ମୁଣ୍ଡରେ ତିଆରି ଚୁଟି ତଥା କେଶକୁ ଶିଖା ମଧ୍ୟ କୁହାଯାଏ। ଶାସ୍ତ୍ର ଅନୁସାରେ ବିଶ୍ୱାସ କରାଯାଏ ଯେ, ଯେଉଁ ପ୍ରକାରେ ଅଗ୍ନି ବିନା ହୋମ ପୂର୍ଣ୍ଣ ହୁଏ ନାହିଁ, ସେହି ପ୍ରକାରେ କେଶ ତଥା ଶିଖା ବିନା କୌଣସି ଧାର୍ମିକ କାର୍ଯ୍ୟ ପୂର୍ଣ୍ଣ ହୁଏ ନାହିଁ। ପୁରୁଣା ସମୟରେ ଶିଖାକୁ ଜ୍ଞାନ ଏବଂ ବୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ। ଏଥିସହିତ ଏହା ଏକ ସଂକେତ ମଧ୍ୟ। ଆଜିମଧ୍ୟ ଯଦି କୌଣସି ପୁରୁଷ ଶିଖାଧାରୀ ଥାଆନ୍ତି ତେବେ ତାଙ୍କୁ ଦେଖି ଲୋକଙ୍କୁ ଲାଗ ଯେ, ସେ ବେଦପାଠ ଏବଂ କର୍ମ-କାଣ୍ଡ ସମ୍ବନ୍ଧିତ ବ୍ୟକ୍ତି। ଏହା ଏକ ଅନିର୍ବାର୍ଯ୍ୟ ପରମ୍ପରା, ଏହା ଦ୍ୱାରା ବ୍ୟକ୍ତିଙ୍କ ବୁଦ୍ଧି ନିୟନ୍ତ୍ରିତ ହୁଏ। ମହିଳାଙ୍କ ମସ୍ତିଷ୍କ ଅଧିକ ସମ୍ବେଦନଶୀଳ ଥାଏ ବୋଲି ବଶ୍ୱାବସ କରାଯାଏ। ଏହି କାରଣ ଯୋଗୁଁ ପରିବେଶରେ ନକରାତ୍ମକ ଉର୍ଜାର ସିଧା ପ୍ରଭାବ ମହିଳାଙ୍କ ଉପରେ ଚୋଟି ତଥା କେଶ ଥିବା ଯୋଗୁଁ ନକରାତ୍ମକ ପରିବେଶରୁ ମସ୍ତିଷ୍କର ରକ୍ଷା ହୋଇଥାଏ। ଆମ ମସ୍ତିଷ୍କର ଦୁଇଟି ଭାଗ ଥାଏ। ଦୁଇ ଭାଗର ସିଧା ସ୍ଥାନ ଅର୍ଥାତ୍ ଯୋଡ଼ି ହେଉଥିବା ଅଂଶଟି ସର୍ବଦା ସମ୍ବେଦନଶୀଳ ଥାଏ। ଅଧିକ ଥଣ୍ଡା ତଥା ଗରମ ହେବା ଦ୍ୱାରା ଏହି ଭାଗକୁ ସୁରକ୍ଷିତ ରଖିବା ପାଇଁ କେଶରେ ଚୋଟି ତଥା ଶିଖା ବନାଯାଏ। ଯୋଗାଶାସ୍ତ୍ରରେ ଇଡା, ପିଙ୍ଗଳା ଏବଂ ସୁଷୁମ୍ନା ନାଡ଼ିର ଚର୍ଚ୍ଚା ରହିଛି। ସେଥିମଧ୍ୟରୁ ସୁଷୁମ୍ନା ଜ୍ଞାନ ଏବଂ କ୍ରିୟାଶୀଳତାର ନାଡ଼ି। ଏହା ମେରୁଦଣ୍ଡରୁ ହୋଇ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ। ଏହି ନାଡ଼ିର ମସ୍ତିଷ୍କ ସହ ମିଳନ ହେଉଥିବା ସ୍ଥାନରେ ଶିଖା ବନ୍ଧାଯାଏ। ଶିଖା ବାନ୍ଧିବା ଦ୍ୱାରା ମସ୍ତିଷ୍କର ଉର୍ଜା ତରଙ୍ଗର ରକ୍ଷା ହୁଏ ଏବଂ ଆତ୍ମଶକ୍ତି ବଢ଼ିଥାଏ।

# ଶରୀରରୁ ଅଳସୁଆପଣ ଦୂରେଇବାକୁ ଖାଆନ୍ତୁ ଏହି ସବୁ ଫଳ; ଆପଣ ରହିବେ ସକ୍ରିୟ

ବର୍ଷାଦିନରେ ଶରୀରରେ ସାମାନ୍ୟ ଅଳସୁଆପଣ ଆସିଥାଏ। ଏହି ଦିନେ ଆପଣ ଯଦି ନିଜ ଶରୀରକୁ ସକ୍ରିୟ ରଖିବାକୁ ଚାହୁଥାନ୍ତି ତେବେ ଆପଣଙ୍କୁ ସେହି ଅନୁସାରେ ଖାଦ୍ୟ ଖାଇବାକୁ ପଡ଼ିବ। ଆପଣ ଯେତେ ପରିମାଣରେ ଫଳ ଖାଇବେ ଶରୀର ଆପଣଙ୍କର ସେହି ଅନୁସାରେ ସୁସ୍ଥ ଓ ସକ୍ରିୟ ରହିବ। ବର୍ଷା ଦିନେ ବିଭିନ୍ନ ପ୍ରକାରର ସଂକ୍ରମଣାତ୍ମକ ରୋଗ ସବୁ ହୋଇଥାଏ। ହଜମଶକ୍ତି ମଧ୍ୟ କମ୍ ହୋଇଥାଏ। ତେଣୁ, ଏହି ଦିନରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ କେଉଁ ଫଳ ସବୁ ଖାଇବା ଦରକାର ଜାଣିରଖନ୍ତୁ...



♦ଏହି ଦିନେ ବଜାରରେ ଜାମୁ କୋଳି ମିଳେ। ଜାମୁ କୋଳିରେ କ୍ୟାଲୋରି କମ୍ ଥାଏ। ମାତ୍ର ଏଥିରେ ପ୍ରଚୁର ପରିମାଣରେ ଆଇରନ୍, ଫୋଲେଟ୍, ପଟାସିୟମ୍ ଓ ଭିଟାମିନ୍ ରହିଛି। ଏହା ଶରୀର ପାଇଁ ଲାଭଦାୟୀ ହୋଇଥାଏ।

♦ବର୍ଷା ଦିନେ ଲିଚି ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ଭିଟାମିନ୍ ସି ଥିବା ହେତୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ୍ ଓଜନ ହ୍ରାସ କରାଇବାରେ ବି ସାହାଯ୍ୟ କରେ।

♦ବର କୋଳି ଖାଇବା ଦ୍ୱାରା ବି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆପଣ ଏହାକୁ ମଧ୍ୟ ଖାଇପାରିବେ।

♦ଚେରି ହେଉଛି ଆଉ ଏକ ବର୍ଷାଦିନିଆ ଫଳ। ଏହାକୁ ଖାଇବା ଦ୍ୱାରା ମସ୍ତିଷ୍କ ସୁସ୍ଥ ରହିଥାଏ।

♦ଆପଣ ଏହି ଦିନରେ ପ୍ରଚୁର ପରିମାଣର ଡାଳିମ୍ବ ମଧ୍ୟ ଖାଇପାରିବେ। ଏଥିରେ ଭରପୂର ପରିମାଣରେ ନିଉଟ୍ରିଏଣ୍ଟ୍ ?ସ ରହିଛି।

♦ସେଓ ଏକ ଏପରି ଫଳ ଯାହାକୁ ଆପଣ ସବୁ ଋତୁରେ ଖାଇପାରିବେ।

# ସିଂହଠୁ ବାଘ ବୁଦ୍ଧିଆ



ସିଂହକୁ ଯଦିଓ ବଣର ରାଜା କୁହାଯାଏ କିନ୍ତୁ ବୁଦ୍ଧି ମାମଲାରେ ବାଘ ଠାରୁ କମ୍ ରହିଥାଏ ସିଂହ । ଅର୍ଥାତ୍ ବୁଦ୍ଧି ମାମଲାରେ ଜଙ୍ଗଲର ରାଜା ସିଂହର ବାପା ହେଉଛି ବାଘ । ଗବେଷକଙ୍କ ଅପୁସାରେ, ବାଘର ମସ୍ତିଷ୍କ ସିଂହ ତୁଳନାରେ ଅଧିକ ବଡ଼ । ଏଣୁ ସ୍ୱାଭାବିକ ଭାବେ ସିଂହ ଠାରୁ ଅଧିକ ବୁଦ୍ଧି ହେଉଛି ବାଘ । ଅକ୍ସଫୋର୍ଡ ୟୁନିଭର୍ସିଟିର ଜୀବବିଜ୍ଞାନୀଙ୍କ ଏକ ଦଳ ସିଂହ ଓ ବାଘର ମସ୍ତିଷ୍କ ଗୁହା (ବ୍ରେନ୍‌କ୍ୟାଭିଟି)ର ତୁଳନାତ୍ମକ ଅଧ୍ୟୟନ କରିଥିଲେ । ଏଥିରୁ ଜଣାପଡିଥିଲା ଯେ, ବାଘଙ୍କ ଠାରେ ଏହି ବ୍ରେନ କ୍ୟାଭିଟି ସିଂହଠାରୁ ୧୬ ଗୁଣା ବଡ଼ ଥାଏ । ସାଧାରଣତଃ ମସ୍ତିଷ୍କର ଆକାରକୁ ବୁଦ୍ଧିମତ୍ତା ସହ ତୁଳନା କରାଯାଇଥାଏ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକ ଡାଃ ନୋଭି ଯାମାଗୁଚି କହିଛନ୍ତି ଯେ, ବାଘର ଖପୁରୀ (ମୁଣ୍ଡ ହାଡର ଢ଼ାଞ୍ଚା) ତାହାର ପରିବାରର ଅନ୍ୟ ତିନି ପ୍ରଜାତି ଠାରୁ ବଡ ହେବ ବୋଲି କେହି ଜାଣିନଥିଲେ । ବାଘର କପାଳ ସିଂହର କପାଳ ତୁଳନାରେ ବହୁତ ଚଉଡା । ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ପ୍ରମାଣିତ କରିବା ପାଇଁ ଆଉ କୌଣସି ଉପାୟ ବାହାରିନାହିଁ । ଦୁର୍ଭାଗ୍ୟପୂର୍ଣ୍ଣ ଯେ, ବେୟଜ୍ଞାନିକଙ୍କ ନିକଟରେ ଏବେ କେଯଣସି ପ୍ରମାଣ ନାହିଁ ଯାହାକି ବାଘ ସିଂହଠାରୁ ବୁଦ୍ଧିଆ କି ନୁହେଁ ପ୍ରମାଣ କରିବା ଗବେଷକମାନେ ୩୭୦ ସିଂହ, ୨୨୫ ବାଘ, ୩୨ ଜାଗୁଆର ଓ ୪୨ ଚିତାବାଘକୁ ପରୀକ୍ଷା କରିଥିଲେ । ଏହି ଅଧ୍ୟୟନ ବାୟୋଲୋଜି କଲ ସର୍ଭେ ଅଫ୍ ଲେନିନ ସୋସାଇଟି ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି । ଏହି ବୈଜ୍ଞାନିକ ମାନେ ଜଙ୍ଗଲି ଜୀବଙ୍କ ଖପୁରୀର ପରୀକ୍ଷା କରିଥିଲେ । ଏଥିରେ ବିଶେଷ ଧ୍ୟାନ ସେମାନଙ୍କର ଆକାର ଏବଂ ବିଶାଳତା ଉପରେ ଦିଆଯାଇଥିଲା ।



# ସହଜରେ ଚିହ୍ନଟ ହେବ କର୍କଟ: ଉପାୟ ବାହାର କଲେ ଭାରତୀୟ ବୈଜ୍ଞାନିକ

 କ୍ୟାନସର ବା କର୍କଟର ଚିହ୍ନଟ ଓ ଏହାର କର୍କଟ ସୃଷ୍ଟିକାରୀ ସେଲ୍‌କୁ ନଷ୍ଟ କରିବା ପାଇଁ ବୈଜ୍ଞାନିକମାନେ ନୂଆ ବାଟ ବାହାର କରିଛନ୍ତି। ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ(ଆଇଆଇଏସ୍‌ସି)ର ବୈଜ୍ଞାନିକମାନେ ସୁନା ଓ କପର ସଲ୍‌ଫାଇଡରୁ ପ୍ରସ୍ତୁତ ହାଇବ୍ରିଡ୍ ନାନୋପାର୍ଟିକିଲସ ପ୍ରସ୍ତୁତ କରିଛନ୍ତି। ଉତ୍ତାପର ପ୍ରୟୋଗ ଫଳରେ ଏହା କ୍ୟାନସର ସେଲ୍‌କୁ ମାରିଦେବା ସହିତ ଶବ୍ଦର ତରଙ୍ଗ ଜରିଆରେ ବିଭିନ୍ନ ପ୍ରକାରର କର୍କଟକୁ ଚିହ୍ନଟ ହୋଇପାରୁଛି। ଏସିଏସ୍ ଆପ୍ଲାଏଡ୍ ନାନୋ ମାଟେରିଆଲ୍‌ସରେ ଏହା ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଛି। ବିଶେଷକରି ଫୁସଫୁସ୍ ଓ ଜରାୟୁ କର୍କଟର ସେଲ୍ ଲାଇନ୍‌ରେ ସୁନା ଓ କପର ସଲଫାଇଡ୍‌କୁ ନାନୋ ପାର୍ଟିକିଲ୍‌ରେ ପରିଣତ କରି ଏହାକୁ ପରୀକ୍ଷଣ କରାଯାଇଛି।



ପୂର୍ବରୁ କପର ସଲ୍‌ଫାଇଡ୍‌କୁ କର୍କଟର ଡାଏଗ୍ନୋସିସ୍ ପାଇଁ ବ୍ୟବହାର ହୋଇଥିବା ବେଳେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ସୁନାର ନାନୋପାର୍ଟିକିଲ୍‌କୁ ରସାୟନିକଭାବେ ପରିବର୍ତ୍ତିତ କରି କ୍ୟାନସର ସେଲ୍‌କୁ ଟାର୍ଗେଟ୍ କରାଯିବା ପରେ ଏହାର କର୍କଟ ବିରୋଧୀ ପ୍ରଭାବ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି। ଏସବୁ ପାର୍ଟିକିଲ୍‌ରେ ଫଟୋଥର୍ମାଲ(ଆଲୋକ ଓ ଉତ୍ତାପ) ଅକ୍ସିଡେଟିଭ୍ ଷ୍ଟ୍ରେସ୍ ଓ ଫଟୋଆକଷ୍ଟିକ୍(ଆଲୋକ ଓ ଶବ୍ଦ) ଗୁଣ ରହିଥିବା କହିଛନ୍ତି ଆଇଆଇଏସ୍‌ସିର ସହକାରୀ ପ୍ରଫେସର ଜୟ ପ୍ରକାଶ। ଯେତେବେଳେ ଏହି ହାଇବ୍ରିଡ୍ ନାନୋପାର୍ଟିକିଲ୍‌କୁ ଆଲୋକ ପକାଯାଏ ପାର୍ଟିକିଲ୍‌ଟି ଏହି ଆଲୋକକୁ ଗ୍ରହଣ କରିନେବା ସହିତ ଉତ୍ତାପ ସୃଷ୍ଟି କରିଥାଏ। ଯାହାକି କ୍ୟାନସର ସେଲ୍‌କୁ ନଷ୍ଟ କରିବାରେ ସକ୍ଷମ ହୋଇପାରୁଛି। ଏହାସହ ସଂପୃକ୍ତ ନାନୋପାର୍ଟିକିଲଗୁଡ଼ିକ ଏକକ ଅକ୍ସିଜେନ୍ ଆଟମ୍ ଉତ୍ପାଦିତ କରିଥାଏ, ଯାହାକି କ୍ୟାନସର ସେଲ୍ ପାଇଁ ଘାତକ ସାବ୍ୟସ୍ତ ହେଉଛି। ଉଭୟ ପଦ୍ଧତିରେ କ୍ୟାନସର ସେଲ୍‌କୁ ମାରିବା ସମ୍ଭବ ହୋଇପାରୁଥିବା ସେମାନେ ଦର୍ଶାଇଛନ୍ତି।

କେବଳ କ୍ୟାନସର ସେଲ୍‌କୁ ନଷ୍ଟ କରିବା ନୁହେଁ, ଏହି ନାନୋପାର୍ଟିକିଲଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ କ୍ୟାନସରର ଚିହ୍ନଟରେ ମଧ୍ୟ ସହାୟକ ହୋଇପାରୁଛି। ଏବେ କ୍ୟାନସର ଚିହ୍ନଟ ପାଇଁ କମ୍ପ୍ୟୁଟରୀକୃତ ଟୋମୋଗ୍ରାଫି(ସିଟି) ଓ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ(ଏମ୍‌ଆରଆଇ) ସ୍କାନ୍ କରାଯାଇଥିବା ବେଳେ ଏଥିପାଇଁ ତାଲିମପ୍ରାପ୍ତ ରେଡିଓଲୋଜିଙ୍କ ଆବଶ୍ୟକତା ରହିଛି। ମାତ୍ର ନାନୋପାର୍ଟିକିଲ୍‌ଙ୍କ ଫେଟୋଆକଷ୍ଟିକ୍ ଗୁଣ ଆଲୋକକୁ ଗ୍ରହଣ କରିନେବା ସହିତ ଅଲ୍‌ଟ୍ରାସାଉଣ୍ଡ ତରଙ୍ଗ ସୃଷ୍ଟି କରିଥାଏ। କଣିକାଗୁଡ଼ିକ ସେଲ୍ ନିକଟରେ ପହଞ୍ଚିବା ପରେ ତାହା କ୍ୟାନସର ସେଲ୍ କି ନୁହେଁ ଚିହ୍ନଟ କରିଥାଏ। ଅଲଟ୍ରାସାଉଣ୍ଡ ତରଙ୍ଗରୁ ସୃଷ୍ଟି ହୋଇଥିବା ସ୍କାନ୍ ଜରିଆରେ ଟ୍ୟୁମରରେ ଅକ୍ସିଜେନ୍ ସାଚୁରେସନ୍ ସଂପର୍କରେ ସ୍ପଷ୍ଟ ଜଣାପଡୁଛି। ଟ୍ୟୁମର ନିକଟରେ ସହଜରେ ପହଞ୍ଚିବା ଲାଗି ବୈଜ୍ଞାନିକମାନେ କପର ସଲଫାଇଡ୍ ଉପରେ ଛୋଟ ଛୋଟ ମଞ୍ଜି ସଦୃଶ୍ୟ ସୁନାକୁ ରଖିପାରିଛନ୍ତି। ଯାହାକି ଟିସୁ ମଧ୍ୟରେ ସହଜରେ ଯାତାୟତ କରିପାରୁଛି। ତେବେ ଏହି ପଦ୍ଧତି କେତେ ନିରାପଦ ତାହାକୁ ସୁନିଶ୍ଚିତ କରିବା ପାଇଁ ଅଧିକ ଗବେଷଣା ଜାରି ରହିଥିବା କୁହାଯାଇଛି।

# ଫଳ ଓ ପରିବାରେ ରହିଛି ସୌନ୍ଦର୍ଯ୍ୟର ରହସ୍ୟ



ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର କ୍ରିମ୍ ବ୍ୟବହାର କରିବାର ଆବଶ୍ୟକତା ଆଉ ରହିବ ନାହିଁ । ଏକ ନୂତନ ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ଲାଗି ଖାଦ୍ୟରେ ପ୍ରଚୁର ମାତ୍ରାରେ ଫଳ ଓ ପନିପରିବା ସାମିଲ କରିବା ହିଁ ଏକମାତ୍ର ସଫଳ ଉପାୟ । ପ୍ରାଇମେଟୋଲଜିର ଅନ୍ତରାଷ୍ଟ୍ରୀୟ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏକ ଆନ୍ତର୍ଜାତିକ ଟିମ୍‌ର ଅଧ୍ୟୟନରୁ ଜଣପଡିଛି ଯେ ଦିନକୁ ଅତିକମ୍‌ରେ ପଞ୍ଚ ଥର ଫଳ ଏବଂ ପରିବା ଖାଦ୍ୟ ଭାବରେ ଗ୍ରହଣ କଲେ ତ୍ୱଚାର ଚମକ ବଢ଼ିଯିବ ଏବଂ ରଙ୍ଗ ମଧ୍ୟ ଉଜ୍ୱଳ ହୋଇ ଉଠିବ । ତେଣୁ ତ୍ୱଚାକୁ କେମଳ ରଖିବା ଏବଂ ଗୌରବର୍ଣ୍ଣର ଅଧିକାରୀ ହେବା ପାଇଁ ଫଳ ଏବଂ ପରିବା ଭଳି ପ୍ରାକୃତିକ ଉପାୟ ଗ୍ରହଣ ଅପରିହାର୍ଯ୍ୟ । ଏହା ମଧ୍ୟ ପାରିପାର୍ଶ୍ୱିକ ପ୍ରତିକ୍ରିୟା ବିହୀନ । ଏ ସମ୍ପର୍କରେ 'ଦି ଟେଲିଗ୍ରାଫ୍'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗବେଷଣା ଟିମ୍‌ର ମୁଖ୍ୟ ସେଣ୍ଟ ଆଣ୍ଡ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ୍ ପେରେଟ୍ କହନ୍ତି ଯେ, ସୁସ୍ଥ ଜୀବନ ଯାପନ ପାଇଁ କେତେକ ଖାଇବା ଯେତେ ଜରୁରୀ ନୁହେଁ କ'ଣ କ'ଣ ଖାଦ୍ୟ ଖାଇବା ଉଚିତ୍ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କମ୍ପ୍ୟୁଟରରେ ୫୧ଟି ଶରୀରର ତ୍ୱଚାକୁ ନେଇ କରାଯାଇଥିବା ଏହି ଗବେଷଣାରେ ୩୦ ଜଣ ପୁରୁଷ ଏବଂ ୨୧ ଜଣ ମହିଳାଙ୍କ ଶରୀର ସାମିଲ ଥିଲା । ଗବେଷକମାନେ ୫୪ ଜଣ ବ୍ୟକ୍ତିଙ୍କୁ ନିଜ ଚେହେରାରେ ଆସିଥିବା ପରିବର୍ତ୍ତନ ଲକ୍ଷ୍ୟ କରିବାକୁ କହିଥିଲେ । ସେମାନେ କମ୍ପ୍ୟୁଟର ଆଧାରିତ ସଫ୍ଟୱେର କାର୍ଯ୍ୟକ୍ରମରେ ନିଜ ଚେହେରାର ଆଭା ବୃଦ୍ଧି କରିବା ସହ ଗୌରବର୍ଣ୍ଣକୁ ପ୍ରାଥମିକତା ଦେଇଥିଲେ । ଗବେଷକମାନେ କହିବାନୁସାରେ ସେମାନେ ଯେଉଁ ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଥିଲେ ସେମାନଙ୍କର ପସନ୍ଦ ଥିଲା କେବଳ ପ୍ରଚୁର ଫଳ ଏବଂ ପନିପରିବା ଖାଇବା ଦ୍ୱାରା ହାସଲ କରାଯିପାରିବ । ଏପରି ତ୍ୱଚାରେ ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିବାର ଶକ୍ତି ମଧ୍ୟ ରହିଛି । ଗବେଷଣା ଟିମ୍‌ର ଅନ୍ୟତମ ରହସ୍ୟ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟ ଡା.ଇଆନ୍ ଷ୍ଟିଫେନ୍ କହିବାନୁସାରେ ପୃଷ୍ଟିକର ଆହାର ଶରୀରକୁ ସମସ୍ତ ଦିଗରୁ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ ।

ନୂତନ ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ଲାଗି ଖାଦ୍ୟରେ ପ୍ରଚୁର ମାତ୍ରାରେ ଫଳ ଓ ପନିପରିବା ସାମିଲ କରିବା ହିଁ ଏକମାତ୍ର ସଫଳ ଉପାୟ । କୋମଳ ରଖିବା ଏବଂ ଗୌରବର୍ଣ୍ଣର ଅଧିକାରୀ ହେବା ପାଇଁ ଫଳ ଏବଂ ପରିବା ଭଳି ପ୍ରାକୃତିକ ଉପାୟ ଗ୍ରହଣ ଅପରିହାର୍ଯ୍ୟ ।



# କାମରେ ଲାଗୁନି 'ବସୁଧା', ବାହାରୁଛି ଗୋଳିଆ ପାଣି: ନଦୀ ଡେଇଁ ନଦୀରୁ ଛାଣୁଛନ୍ତି ପାଣି



ଭୁବନ, ୧୧/୬ (ନି.ପ୍ର): 'ବସୁଧା' ଯୋଜନାରେ ଟାଙ୍କି ତିଆରି ହୋଇ ଲୋକଙ୍କ ପାଖରେ ପାଣି ପହଞ୍ଚୁଛି। କିନ୍ତୁ ଉକ୍ତ ପାଣି ପିଇବା ଉପଯୁକ୍ତ ନୁହେଁ ବୋଲି ଲୋକେ ନଦୀରୁ ପାଣି ସଂଗ୍ରହ କରୁଛନ୍ତି। ଗୋଟିଏ ନଦୀ ଡେଇଁ ଅନ୍ୟ ଗୋଟିଏ ନଦୀରୁ ପାଣି ଆଣି ଲୋକେ ବ୍ୟବହାର କରୁଛନ୍ତି। ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡୀପାଳ ଗାଁରେ ଏହି ସମସ୍ୟା ଗଲା ୩୦ବର୍ଷର। ଦୀର୍ଘଦିନ ତଳେ ଚଣ୍ଡୀପାଳ ଗାଁରେ 'ବସୁଧା' ଯୋଜନାରେ ପାଣି ଟାଙ୍କି ତିଆରି ହୋଇଥିଲା। ଡମଶାଳ ନଦୀ କୂଳରେ ଉକ୍ତ ଟାଙ୍କି ନିର୍ମାଣ ହୋଇ ପାଇପ୍ ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥିଲା। କିନ୍ତୁ ଆରମ୍ଭରୁ ହିଁ ଏଠାରେ ଗୋଳିଆ ପାଣି ବାହାରିଥିଲା। ଏ ସମ୍ପର୍କରେ ଗ୍ରାମବାସୀଙ୍କ ଅଭିଯୋଗକୁ ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ କର୍ଣ୍ଣପାତ କଲେନାହିଁ। ବହୁବାର ଦାବି ପରେ ଗାଁରେ ଆଉ ଏକ ବୋରିଂ ବସିଲା ହେଲେ ସେଥିରେ ବି ସମଦଶା। ନୂଆ ବୋରିଂରୁ ଗୋଳିଆ ପାଣି ବାହାରିବା ପରେ ଲୋକେ ଏହାର ପ୍ରତିବାଦ କରିଥିଲେ। କିନ୍ତୁ ସ୍ଥାନୀୟ ଲୋକପ୍ରତିନିଧି କିନ୍ତୁ ସବୁ ଜାଣି ଚୁପଚାପ୍ ବସିଗଲେ।

ଚଣ୍ଡୀପାଳ ଗାଁରେ ଲୋକସଂଖ୍ୟା ୧୨୦୦ରୁ ଅଧିକ। ଗୋଳିଆ ପାଣିରେ ଚଳିବା କଷ୍ଟକର ହେବାରୁ ଲୋକେ ପୁଣି ପୁରୁଣାଦିନକୁ ଫେରିବାକୁ ବାଧ ହୋଇଛନ୍ତି। ଗାଁ ମୁଣ୍ଡରେ ବ୍ରାହ୍ମଣୀ, ରାମିଆଳ ଓ ଡମଶାଳ ନଦୀର ସଂଯୋଗସ୍ଥଳ ରହିଛି। ସେଠାରେ ସ୍ୱଚ୍ଛ ପାଣି ମିଳୁଛି। ହେଲେ ସଫା ପାଣି ଆଣିବାକୁ ଲୋକଙ୍କୁ ଡମଶାଳ ନଦୀକୁ ଅତିକ୍ରମ କରି ଯିବାକୁ ପଡୁଥିବା କହିଛନ୍ତି। ପାଣି ମୁନ୍ଦାଏ ପାଇଁ ଗାଁର ଅଧିକାଂଶ ଲୋକେ ଜୀବନକୁ ବାଜି ଲଗାଇ ଗରା, ମାଠିଆ, ବୋତଲ ନେଇ ତିନି ନଦୀର 'ତ୍ରିବେଣୀ ସଂଗମ'ରୁ ପାଣି ସଂଗ୍ରହ କରି ଆଣୁଛନ୍ତି। ନଳ ପାଣି ଯେବେ କାମରେ ନ ଲାଗେ ସେବେ ନାଳ ପାଣି ଶୋଷ ମେଣ୍ଟାଏ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠମନ୍ତ୍ରୀ ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ, ସମସ୍ୟା ସମ୍ପର୍କରେ ଅବଗତ ଥିବା ଓ ଆଗାମୀ ଦିନରେ 'ହର ଘର ଜଳ ଯୋଗାଣ' ଯୋଜନାରେ ଗାଁକୁ ପାନୀୟଜଳ ଯୋଗାଇବାକୁ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଚଣ୍ଡୀପାଳ ଗ୍ରାମବାସୀଙ୍କ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି।

# ଜୁଲାଇ ୭ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା: ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ



ପୁରୀ, ୧୧/୬ (ନି.ପ୍ର): ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା। ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ନବଦିନ ବ୍ୟାପୀ ଘୋଷଯାତ୍ରା କରିବେ ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ଅଭିମୁଖେ ବଡ଼ଦାଣ୍ଡରେ ଗଡିବ ତିନି ରଥ। ଏଥିପାଇଁ ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଛି ତିନି ରଥର ନିର୍ମାଣ କାର୍ଯ୍ୟ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସାରିବା ନେଇ ଲକ୍ଷ୍ୟ ରଖାଯାଇଛି। ରଥ ନିର୍ମାଣ ପାଇଁ ପ୍ରାୟ ୨୦୦ ମହାରଣା, ଭୋଇ, କମାର, ରୂପକାର, କରତି ସେବକ କାମରେ ଲାଗି ପଡିଛନ୍ତି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଏପର୍ଯ୍ୟନ୍ତ ତିନି ରଥର ୪୨ ଚକ, ୨୧ ଅଖ ଏବଂ ଗୁଜ ନିର୍ମାଣ ଶେଷ ହେବା ପରେ ଏବେ ଦଣ୍ଡା, ନାହାକା, ଗୟଳ, ଗରଗରା, ଭୂଇଁ ଆଦି ନିର୍ମାଣ କରାଯାଉଛି। ତିନି ରଥର ତିନି ଭୂଇଁ ନିର୍ମାଣ ପାଇଁ ୧୨ଟି ଲେଖାଏଁ ଭୂଇଁ ଚଉଡା କାଠର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ୫ ଦଣ୍ଡାରୁ ୪ଟି ଦଣ୍ଡାର ଚଉପଟ ଶେଷ ହୋଇ ପଂଚମ ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଅନ୍ୟପକ୍ଷରେ ତିନି ରଥର ପାର୍ଶ୍ୱ ଦଣ୍ଡାର ଚଉପଟ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଥିସହ ତିନି ରଥର ୨୦ ଫୁଟିଆ ଦୁଇଟି ଗରଗରାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚାରିନାହାକା ନିର୍ମାଣ ପାଇଁ ଗତକାଲି ପ୍ରଥମ ପର୍ଯ୍ୟାୟରେ ତିନି ରଥର ଚାଳିକୁ ରଥ ଅମିନ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। ଆଜି ତିନି ରଥର ଚାଳିକୁ ରଥ ଅମିନ ଭୋଇସେବକଙ୍କ ସହାୟତାରେ ଆଉ ଦୁଇଟି ଲେଖାଏଁ କାଠ ନାହାକା ଯୋଗାଇଛନ୍ତି। ନାହାକା ଗୁଡିକର ଚଉପଟ କାର୍ଯ୍ୟ ଜାରି ରହିଛି।

# ବରିଷ୍ଠ କଂଗ୍ରେସ କର୍ମୀଙ୍କ ବିୟୋଗ

କେନ୍ଦ୍ରାପଡ଼ା, ୧୧/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପ ାୟତ ଅଧିନସ୍ଥ ସମଲପୁର ଗ୍ରାମର ବରିଷ୍ଠ ନାଗରିକ ଯୁଧିଷ୍ଠିର ସ୍ୱାଇଁଙ୍କର ଅଠାଅଶୀ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସମୟରୁ ରାଜନୈତିକ ଜୀବନ ଆରମ୍ଭ କରି ଶେଷ ଜୀବନ ପର୍ଯ୍ୟନ୍ତ ସେ ଜଣେ ଗାନ୍ଧୀବାଦୀ କଂଗ୍ରେସ କର୍ମୀ ଭାବରେ ନିଜର ସାଂଗଠନିକ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି। ଆଜୀବନ ଖଦଡ ପିନ୍ଧି ନିଷ୍ଠାପର ଓ ନିର୍ଭିକ ଭାବରେ ସମାଜ ସେବାରେ ନିଜକୁ ନିୟୋଜିତ କରି ଜନମାନସରେ ପ୍ରଶଂସିତ ହୋଇ ଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା,ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ହରିଶ ପଟ୍ଟନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ନିର୍ବାଚନ ପରାଜୟର ସମୀକ୍ଷା କଲା ବିଜେଡି

ଧର୍ମଶାଳା, ୧୧/୬ (ନି.ପ୍ର): ସଫଳତାର ସହ ସାଧାରଣ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଶାସକ ବିଜେଡି ପରାଜୟ ବରଣ କରିଛି। ବିଜୟୀ ଆଶା ଧୂଳି ସାତ ହୋଇଛି। ପରାଜୟ ପରେ ପରାଜୟର କାରଣ ଖୋଜୁଛି। ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳାକୁ ବିଜେଡିର ଗଡ କୁଆଯାଉଥିଲା। ଏହି ଆସନରେ ବିଜେଡି ପରାଜୟ ବରଣ କରିଛି। ଜାରକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଗୋଟି ପଂଚାୟତର ସମସ୍ତ ବିଜୁ ଜନତା ଦଳର କର୍ମକର୍ତାମାନଙ୍କୁ ନେଇ ଏକ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ ନେତୃବୃନ୍ଦମାନଙ୍କୁ ଆଶ୍ୱସନା ଦେବାସହ କିଭଳି ଧର୍ମଶାଳାବାସୀଙ୍କ ସୁଖ, ଦୁଃଖର ସାଥୀ ହୋଇ ରହିବା ଓ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବାପାଇଁ ଦୃଢ ସଂକଳ୍ପବଦ୍ଧ ହେବା କହିଥିଲେ। ନିର୍ବାଚନ ଏକ ପ୍ରକ୍ରିୟା, ଏଥିରେ ହାର ଜିତ୍ ରହିଥାଏ, ମୋତେ ଧର୍ମଶାଳାବାସୀ ବହୁତ ମାତ୍ରାରେ ଭୋଟ ଦେଇଥିବାରୁ ମୁଁ ସମସ୍ତଙ୍କ ପାଖରେ ଚିର ଋଣି। ପୂର୍ବରୁ ଧର୍ମଶାଳା ଯେପରି ଓଡିଶାରେ ୧ ନମ୍ବର ହୋଇ ରହିଛି, ଆଗାମି ଦିନରେ ଧର୍ମଶାଳାକୁ ଉଚ୍ଚ ଶିଖରକୁ ନେବାପାଇଁ ମୋର ପ୍ରୟାସ ଜାରି ରହିବ। ସାଧାରଣ ସମ୍ପାଦକ ଶ୍ରୀ ବଳବଳନ୍ତରାୟ କହିଥିଲେ। ଏହି ବୈଠକକୁ ଧର୍ମଶାଳା ବିଜୁ ଜନତା ଦଳର ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରଭୂ ରଞ୍ଜନ ସାମଲ, ମମତା ଦଣ୍ଡପାଟ, ରେଣୁବାଳା ଶତପଥୀ, ଶରତ ନାୟକ, ଅଜୟ ନାୟକ, ସୁଦାମ ବେହେରା, ନିରଞ୍ଜନ ରାଉତ, ପ୍ରହଲ୍ଲାଦ ଲେଙ୍କା, ବିକାଶ ଦାସ, ଗୌତମ ସାହୁ, ମଦନ ମୋହନ ନାୟକ, ସଞ୍ଜୟ ଧିର, ଦାମୋଦର ରାୟ, ବ୍ରହ୍ମାନନ୍ଦ ରାଉତ, ଅକ୍ରୁର ଚରଣ ନାୟକ, ମୁସ୍ତାକ, ସମସୁଲ, ଫକୀର ନାରାୟଣ ମିଶ୍ରଙ୍କ ସମେତ ୨ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତମାନେ ଉପସ୍ଥିତ ଥିଲେ।

# ୩୯ ବର୍ଷ ହେଲା ୨୨ ଶହ କର୍ମଚାରୀଙ୍କୁ ଧୋକା: ବ୍ୟବଧାନ ୫୦ ଟଙ୍କାରୁ ବଢ଼ି ୧୪ ଶହ ଛୁଇଁଲାଣି

କଟକ, ୧୧/୬ (ନି.ପ୍ର): ରାଜ୍ୟ ଅବକାରୀ ବିଭାଗରେ ୨୧ ଶହ ୯୫ କର୍ମଚାରୀଙ୍କ ଗ୍ରେଡ୍ ପେ' ୩୯ ବର୍ଷ ହେବ ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ୧୯୮୫ ପରଠାରୁ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଗ୍ରେଡ୍ ପେ' ତୁଳନାରେ ଅବକାରୀ ବିଭାଗର କର୍ମଚାରୀଙ୍କ ଗ୍ରେଡ୍ ପେ' ୫୦ ଟଙ୍କାରୁ ଏବେ ୧୪ ଶହ ଟଙ୍କା ବ୍ୟବଧାନ ହେଲାଣି। ଆର୍ଥିକ ସ୍ଥିତିରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ବଳ କରିବା ପଛରେ ଏହା ଏକ ପ୍ରକାର ଷଡ଼ଯନ୍ତ୍ର ବୋଲି ଅଭିଯୋଗ ହେଉଛି। ଅବକାରୀ ବିଭାଗର ତଥ୍ୟ ଅନୁଯାୟୀ, ଓଡ଼ିଶା ପୁଲିସ ସମେତ ଅଗ୍ନିଶମ, ଜଙ୍ଗଲ, ଜେଲ, ଓଜନ ଓ ମାପ ବିଭାଗ ଏବଂ ଅବକାରୀ ବିଭାଗରେ ଏସ୍‌ପି ପାହ୍ୟାରୁ କନଷ୍ଟେବଲ ଯାଏ ମିଳୁଥିବା ଗ୍ରେଡ୍ ପେ' ରେ ବଡ଼ ଧରଣର ପାତରଅନ୍ତର ସୃଷ୍ଟି ହୋଇଛି। ଗ୍ରେଡ୍ ପେ' ମିଳିବାରେ ସବୁଠାରୁ ପଛରେ ପଡ଼ିଯାଇଛି ଅବକାରୀ ବିଭାଗ। ପୁଲିସ ବିଭାଗର ଜଣେ ଅତିରିକ୍ତ ଏସପିଙ୍କ ଗ୍ରେଡ୍ ପେ' ୫ହଜାର ୮ଶହ ରହୁଥିବା ବେଳେ ଅବକାରୀ ଏସ୍ ?ପିଙ୍କ ୫ହଜାର ୪ଶହ, ପୁଲିସ ଡିଏସ୍ ?ପିଙ୍କ ୫ହଜାର ୪ଶହ ଏବଂ ଅବକାରୀ ଡିଏସପିଙ୍କ ୪ହଜାର ୬ଶହ, ପୁଲିସ ଇନସ୍ପେକ୍ଟରଙ୍କ ୪ହଜାର ୬ ଶହ ଓ ଅବକାରୀ ଇନସ୍ପେକ୍ଟରଙ୍କ ୪ହଜାର ୨ଶହ, ପୁଲିସ ଏସଆଇଙ୍କ ୪ହଜାର ୨ଶହ ରହୁଥିବା ବେଳେ ଅବକାରୀ ଏସଆଇଙ୍କ ୨ ହଜାର ୮ଶହ, ପୁଲିସ ଏଏସଆଇଙ୍କ ୨ହଜାର ୮ ଶହ ଏବଂ ଅବକାରୀ ଏଏସଆଇଙ୍କ ୨ହଜାର ୪ ଶହ, ପୁଲିସ କନଷ୍ଟେବଳଙ୍କ ୨ହଜାର ୨ଶହ ରହୁଥିବା ବେଳେ ଅବକାରୀ କନଷ୍ଟେବଳଙ୍କ ୧ହଜାର ୯ଶହ ଟଙ୍କା ରହୁଛି। ବ୍ରିଟିସ୍ ଅମଳରୁ ଅବକାରୀ ବିଭାଗର ଗ୍ରେଡ୍ ପେ' ଓଡ଼ିଶା ପୁଲିସଠାରୁ ଅଧିକ ଥିଲା। ରାଜ୍ୟ ସରକାରଙ୍କ ପାଇଁ ଅବକାରୀ ବିଭାଗ ରାଜସ୍ୱ ଆଦାୟରେ ଏକ ପ୍ରମୁଖ ଉତ୍ସ ଥିବାରୁ ଅଧିକ ଗ୍ରେଡ୍ ପେ' ମିଳୁଥିଲା। କିନ୍ତୁ ୧୯୮୫ ସମୟ ପରଠାରୁ ଚିତ୍ର ବଦଳିଗଲା। ତତ୍କାଳୀନ ରାଜ୍ୟ ସରକାର ଅବକାରୀ ବିଭାଗ ଗ୍ରେଡ୍ ପେ'ରେ ହ୍ରାସ କରି ଦେଇଥିଲା। ଅବକାରୀ ବିଭାଗ ଓ ଅନ୍ୟ ବିଭାଗ ତୁଳନାରେ ୫୦ ଟଙ୍କା ଗ୍ରେଡ୍ ପେ' ବ୍ୟବଧାନ ହୋଇଥିଲା। ସେବେଠାରୁ ଅବକାରୀ ବିଭାଗ ଗ୍ରେଡ୍ ପେ' ବ୍ୟବଧାନ ୫୦ ଟଙ୍କାରୁ ଯାଇ ୧୪ ଶହ ଟଙ୍କାରେ ପହଞ୍ଚିଲାଣି। ୨୦୦୬ରେ ଦେଶରେ ଷଷ୍ଠ ବେତନ କମିସନ ଲାଗୁ ହେବା ପରେ ଓଡ଼ିଶା ସରକାର ଏକ ଫିଟମେଣ୍ଟ କମିଟି ଗଠନ କଲେ। ୨୦୦୯-୧୦ରେ ଅବକାରୀ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ପୁଲିସ ସହିତ ଅବକାରୀ ବିଭାଗର ଗ୍ରେଡ୍ ପେ' ସମାନ କରିବାକୁ ତତ୍କାଳୀନ ନବୀନ ସରକାରଙ୍କ ନିକଟରେ ଦାବି ଉପସ୍ଥାନ କରାଯାଇଥିଲା। ଯୁକ୍ତିରେ ଉଲ୍ଲେଖ ଥିଲା ଯେ ଅବକାରୀ ବିଭାଗର ଅଧିକାରୀ ଅବକାରୀ ଆଇନ ଓ ଏନଡିପିଏସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ ସହିତ ରାଜସ୍ୱ ଆଦାୟ ଅଧିକାରୀ ଭାବେ କାମ କରୁଛନ୍ତି। ଅବକାରୀ ବିଭାଗ ରାଜ୍ୟରେ ଖଣି ପରେ ରାଜସ୍ୱ ଆଦାୟରେ ଦ୍ୱିତୀୟ ସ୍ଥାନରେ ରହୁଥିବା ନେଇ ଦାବିରେ ଉଲ୍ଲେଖ ଥିଲା।ସେହିପରି ଓଡ଼ିଶାରେ ମଦ ମୃତ୍ୟୁ ମାମଲାରେ ବିଭିନ୍ନ ସମୟରେ ନାଇଡୁ କମିସନଙ୍କଠାରୁ ଆରମ୍ଭ କରି ପାତ୍ର କମିସନ ଯାଏ ଓଡ଼ିଶା ପୁଲିସ ସହିତ ଅବକାରୀ ବିଭାଗର ଅଧିକାରୀଙ୍କ ଗ୍ରେଡ୍ ପେ' ସମାନ କରିବାକୁ ସୁପାରିସ କରିଥିଲେ। ୨୦୨୨ ସେପ୍ଟେମ୍ବରରେ ଅବକାରୀ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ଅବକାରୀ କମିସନର ଓ ଅବକାରୀ ବିଭାଗର ମୁଖ୍ୟ ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ତତ୍କାଳୀନ ନବୀନ ସରକାରଙ୍କ ଏହି ବିଭାଗ ଦାବି ଉପରେ କୌଣସି ନିଷ୍ପତ୍ତି ନେଲେନାହିଁ। ଏବେ ବିଜେପି ରାଜ୍ୟରେ ସରକାର ଗଢ଼ିବାକୁ ଯାଉଥିବା ବେଳେ ଦୀର୍ଘ ୩୯ ବର୍ଷର ନିର୍ଯ୍ୟାତନାରେ ଅତିଷ୍ଠ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଦାବି ସମାଧାନକୁ ନେଇ ପୁଣି ଥରେ ଆଶା ସଞ୍ଚାର ହୋଇଛି।

# ସରକାର ବଦଳିଲା: ସୁବର୍ଣ୍ଣରେଖା ବନ୍ଦର ଆଶା ଉଜ୍ଜୀବିତ



ଜଳେଶ୍ୱର, ୧୧/୬ (ନି.ପ୍ର): ୧୮ ବର୍ଷ ବିତିଗଲାଣି। ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଏବେ ବି ସ୍ୱପ୍ନ ହୋଇରହିଛି। ଏଥର ସରକାର ବଦଳିଛି। ଏହି ଅଧୁରା ସ୍ୱପ୍ନ ପୂରଣ ହେବାସହିତ ବନ୍ଦର ନିର୍ମାଣ ପାଇଁ ବାଟ ପ୍ରଶସ୍ତ ହେବ ବୋଲି କୁହାଯାଉଛି। ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ହେଉଛି ରାଜ୍ୟର ଏକ ବହୁ ପ୍ରତୀକ୍ଷିତ ପ୍ରକଳ୍ପ। ୨୦୦୬ ମସିହା ଡିସେମ୍ବର ୧୫ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସି ଭୋଗରାଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୀର୍ତ୍ତନିଆଠାରେ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ହେଲେ ଦୁଇଦିନ ପରେ କୀର୍ତ୍ତନିଆ ନୁହେଁ, ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ବାଲିଆପାଳର ଚୌମୁଖଠାରେ ବନ୍ଦର ହେବ ବୋଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ଏହାର ଦୀର୍ଘଦିନ ପରେ ୨୦୧୯ ମସିହା ଫେବ୍ରୁଆରି ୧୩ ତାରିଖରେ ବନ୍ଦର ପ୍ରତିଷ୍ଠା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱରଠାରେ ଶିଳାନ୍ୟାସ କରିଥିଲେ। ଘୋଷଣା ହୋଇଥିଲା; ୩୬ ମାସ ମଧ୍ୟରେ ବନ୍ଦର କାମ ଶେଷ ହୋଇ ପୂର୍ଣ୍ଣାଙ୍ଗ ରୂପ ନେବ। ବନ୍ଦର କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ସହିତ ୧୨ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଥିଲା। କେବଳ ସେତିକି ନୁହେଁ, ଓଡ଼ିଶାର ବାଣିଜ୍ୟିକ ରାଜଧାନୀ ପାଲଟିବ ବାଲେଶ୍ୱର। ଓଡ଼ିଶା ସହ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ମଧ୍ୟ ବାଣିଜ୍ୟ ଦୃଷ୍ଟିକୋଣରୁ ଉପକୃତ ହୋଇ ପାରିବେ ବୋଲି କହିଥିଲେ ସରକାର। ବନ୍ଦର ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨,୧୮୭ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ଏବେ ତାହା ବଢ଼ି ୫ ହଜାର କୋଟିରେ ପହଞ୍ଚିଛି। ବନ୍ଦର ନିର୍ମାଣ ପାଇଁ ୨୦୦୮ ମସିହାରେ ଚେନ୍ନାଇର କ୍ରିଏଟିଭ୍ ପୋର୍ଟ ଡେଭ୍‌ଲପ୍‌ମେଣ୍ଟ ଅଥରିଟି ସହ ଚୁକ୍ତି ହୋଇଛି। ୫୧ ପ୍ରତିଶତ ଅଂଶୀଦାର ଭାବେ ଟାଟା ଷ୍ଟିଲ୍ ୨୦୧୭ ମସିହାରେ ସରକାରଙ୍କ ସହ ଚୁକ୍ତି କରିଛି। ବନ୍ଦରରେ ସମୁଦାୟ ୧୦ଟି ବର୍ଥ ରହିବ। ବାର୍ଷିକ ପଣ୍ୟ କାରବାର କ୍ଷମତା ୨୫ ନିୟୁତ ଟନ୍ ଓ ଆବଶ୍ୟକସ୍ଥଳେ ୮୦ ନିୟୁତ ଟନ୍ ଯାଏ ରହିବ ବୋଲି ସ୍ଥିର ହୋଇଛି। ହେଲେ ଏଯାଏ ଆବଶ୍ୟକ ୯୬୫.୧୮ ଏକର ଜମି ମଧ୍ୟରୁ ୬୯୨.୬୮ ଏକର ଅଧିଗ୍ରହଣ ହୋଇଛି। ନୂଆ ସରକାର ବନ୍ଦର କାମକୁ କେମିତି ଆଗେଇ ନେବେ ତାହା ସମୟ ହିଁ କହିବ। ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ଉତ୍ତର ବାଲେଶ୍ୱରର ୩ଟି ନିର୍ବାଚନମଣ୍ଡଳୀ ଜଳେଶ୍ୱର, ଭୋଗରାଇ ଓ ବସ୍ତାରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ସୁବର୍ଣ୍ଣରେଖା ବନ୍ଦର ସ୍ୱପ୍ନ ପୂରା କରିବାକୁ ହେଲେ ଉଭୟ ସରକାରୀ ଦଳ ବିଜେପି ଓ ବିରୋଧୀ ଦଳ ବିଜେଡି ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ।

# ଡାକ ବିଭାଗରେ ନିଯୁକ୍ତି ପାଇଁ ଜାଲ ସାର୍ଟିଫିକେଟ ମାମଲା: ଜଣେ ଗିରଫ

ଜୟପୁର, ୧୧/୬ (ନି.ପ୍ର): ଗ୍ରାମୀଣ ଡାକ ସେବକ ବ୍ରାଂଚ ପୋଷ୍ଟ ମାଷ୍ଟର, ଆସିଷ୍ଟାଣ୍ଟ ବ୍ରାଂଚ ପୋଷ୍ଟ ମାଷ୍ଟର ରେ ଜାଲ ସାର୍ଟିଫିକେଟ ମାମଲାର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା କୋରାପୁଟର ଚାନ୍ଦ ଚରଣ ସାହୁ (୩୨)। ଏହି ମାମଲାରେ ଆଗରୁ ୫ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ। ପୋଲିସ ସୂଚନା ଅନୁଯାଇ ଗିରଫ ଅଭିଯୁକ୍ତ ମାନେ ଗ୍ରାମୀଣ ଡାକ ସେବକ ବ୍ରାଂଚ ପୋଷ୍ଟର ଆସିଷ୍ଟାଣ୍ଟ ବ୍ରାଂଚ ପୋଷ୍ଟ ମାଷ୍ଟର ପଦବୀରେ ଜାଲ ସାର୍ଟିଫିକେଟରେ ଆବେଦନ କରିଥିଲେ। ସେ ମାନେ ଚୟନ ମଧ୍ୟ ହୋଇଥିଲେ ସାର୍ଟିଫିକେଟ ଯାଂଚ ସମୟରେ ଏହା ଜଣା ପଡିବାରୁ ଡାକ ବିଭାଗ ତରଫରୁ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୧୦୮/୨୩ ଓ କ୍ରାଇମବ୍ରାଞ୍ଚ ୧୧/୨୩ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଉତର ପ୍ରଦେଶ ରାଜ୍ୟ ସିଟିଫିକେଟ ଦେଇଥିଲେ। ଏହି ମାମଲାରେ ଅନ୍ୟ ଏକ ଅଭିଯୁକ୍ତକୁ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ପାଣି ପାଇଁ ଫୁଲବାଣୀ-ଭୁବନେଶ୍ୱର ମୁଖ୍ୟରାସ୍ତା ଅବରୋଧ

ଖଜୁରୀପଡ଼ା, ୧୧/୬ (ନି.ପ୍ର): ଅସହ୍ୟ ରୈଦ୍ରତାପ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ସକାଳ ପାହିଲେ ଲାଗିରହୁଛି ଜଳଚିନ୍ତା। କୂଅ, ପୋଖରୀ ସବୁ ଶୁଖିଲା। ସମସ୍ୟା ପ୍ରତି ପ୍ରଶାସନର ନଜର ପଡୁନଥିବାରୁ ଆଜି ଖଜୁରୀପଡ଼ା ବ୍ଲକ ଗୁଦାରୀ ଗ୍ରାମବାସୀ ତାତିବା ସହ ହାଣ୍ଡିମାଠିଆ ଧରି ରାସ୍ତାକୁ ଓହ୍ଲାଇଥିଲେ। ଆଜି ସକାଳୁ ଗୁଦାରୀ ଆରଆଇ ଅଫିସ୍ ନିକଟରେ ଫୁଲବାଣୀ-ଭୁବନେଶ୍ୱର ୧୫୭ ନମ୍ବର ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ଶତାଧିକ ପୁରୁଷ ଓ ମହିଳା ରାସ୍ତା ଉପରେ ହାଣ୍ଡି ଓ ବାଲଟି ରଖି ବସି ରହିଥିଲେ। ଫଳରେ ଏହି ରାସ୍ତା ଦେଇ ଭୁବନେଶ୍ୱରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ପଞ୍ଚାୟତରେ ବହୁଦିନ ହେଲା ପାନୀୟଜଳ ସମସ୍ୟା ରହିଛି। ଏନେଇ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଏନେଇ କୌଣସି ସମାଧାନ ହେଉନି। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସମେତ ବ୍ଲକ ପ୍ରଶାସନ ଓ ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପ୍ରାୟ ୨ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଏଥିରୁ କ୍ଷାନ୍ତ ହୋଇଥିଲେ।



# ଭାଗବତ ପ୍ରସାଦ ମହାନ୍ତିଙ୍କ ୯୬ତମ ଜନ୍ମବାର୍ଷିକ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୧/୬ (ନି.ପ୍ର): କେନ୍ଦ୍ରାପଡା ସହରର କାକଟସ୍ଥିତ ସୂର୍ଯ୍ୟଭବନରେ କେନ୍ଦ୍ରାପଡାର ଜନନେତା ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୬ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆସନ୍ତା ୧୭ତାରିଖରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଏହି ଜନ୍ମବାର୍ଷିକ ପାଳନ କରାଯିବାକୁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ଆଇନଜୀବୀ ଧରଣୀଧର ସୁଆର, ମହେନ୍ଦ୍ର ପରିଡା, ମୁକ୍ତାର ଖାଁ, ସୁଶିଲ ସାମଲ, ଶରତ କୁମାର ବେହୁରା, ସର୍ବେଶ୍ୱର ସେଠୀ, ଭ୍ରମରବର ରାଉତ ଓ ବିଧୁଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୪ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୬ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ-୨୦୨୪ ଏବଂ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରଏମ୍‌ଆରସିର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀମାନେ କିପରି ନିଜ ଉଦ୍ୟମରେ ପାଠ ପଢି ଭଲ ନମ୍ବର ରଖି ନିଜର ଭବିଷ୍ୟତ ଗଢିପାରିବେ, ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଏହା ଏକ ନିଆରା ପ୍ରୟାସ। ଏଥିପାଇଁ ସେ ଟ୍ରଷ୍ଟକୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପାରାଦ୍ୱୀପ ଫସପେଟ ଲିମିଟେଡ଼ର ବରିଷ୍ଠ ଅଧିକାରୀ ସୁଧୀରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସୋଆ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଶୁଭଦର୍ଶିନୀ ମିଶ୍ର, ଶିକ୍ଷାବିତ ପ୍ରମୋଦ ପାଢୀ, ସମାଜସେବୀ ଅମୀୟବାଳା ପରିଡ଼ା, ବିଶିଷ୍ଟ ଲେଖିକା ସୁଚେତା ନନ୍ଦ, ଜୟଦେବ ସରପଂଚ ପୂର୍ଣ୍ଣଚନ୍ଦ୍ର ଭୋଇ, ସମାଜସେବୀ ବିଜୟ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ନିର୍ବାଚନ ମଣ୍ଡଳୀର +୨ ବିଜ୍ଞାନରେ ଟପ୍ପର ହୋଇଥିବା ମେଧାବୀ ଛାତ୍ରୀ ସ୍ୱୟଂପ୍ରଜ୍ଞା ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ କାଂଚନ ଫାଉଣ୍ଡେସନ ତରଫରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଥିବା ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୧୫ଜଣ ଛାତ୍ରଛାତ୍ରୀଙ୍କୁ ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ, ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଏବଂ ୬ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯାଇଥିଲା। ମଂଚ ପରିଚାଳନା କରିଥିଲେ ଶୁଭୋଜିତ ପଣ୍ଡା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ତାପସ ରଞ୍ଜନ ମଲ୍ଲିକ, ପ୍ରଳୟ କୁମାର ଦାସ, ଆଶୁତୋଷ ଚୌଧୁରୀ, ଦୀନବନ୍ଧୁ ଭୋଇ, ତପନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦର ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ମନ୍ତ୍ରୀଙ୍କୁ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ୱାଗତ ଓ ଶୁଭେଚ୍ଛା



ପାରାଦୀପ, ୧୧/୬ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଓ ସାନ୍ତ୍ୱନୁ ଠାକୁର ଚଳିତ ଜୁନ ୧୦ ତାରିଖରେ ବନ୍ଦର ପରିବହନ ଜଳପଥ ମନ୍ତ୍ରଣାଳୟ ର ପୁନଶ୍ଚ ଦାୟିତ୍ୱ ଗ୍ରହଣ କରି ଥିବାରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଶେଷ ବଧାଇ ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ସେବା ସହିତ ବିକଶିତ ଭାରତ ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବେ। ଆହୁରି ମଧ କହିଛନ୍ତି ଯେ ନରେନ୍ଦ୍ର ମୋଦି ଙ୍କ ଗତିଶୀଳ ନେତୃତ୍ୱରେ ବନ୍ଦର ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ କୁ ସଶକ୍ତିକରଣ କରିବା ପାଇଁ କାର୍ଯ୍ୟ ଜାରି ରଖାଯିବ। ଯେପରି ଅମୃତକାଳ ଭିଜନ-୨୦୪୭ ପର୍ଯ୍ୟନ୍ତ ଏହା ଦର୍ଶାଯାଇଛି।

# ସାମ୍ବାଦିକତା ଜଗତର ଭୀଷ୍ମ ରାମୋଜୀ ରାଓଙ୍କ ସ୍ମୃତିସଭା ଅନୁଷ୍ଠିତ

ମାଲକାନଗିରି, ୧୧/୬ (ନି.ପ୍ର): ମାଲକାନଗିରି ସ୍ଥିତ ସର୍କିଟ ହାଉସ ଠାରେ ସାମ୍ବାଦିକତା ଜଗତର ପିତାମହ ଭୀଷ୍ମ ବୋଲି କୁହାଯାଉଥିବା ଇଟିଭି ଓ ରାମାଜୀ ରାଓ ଫିଲ୍ମସିଟିର ପ୍ରତିଷ୍ଠାତା ରାମାଜୀ ରାଓଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖ ରାତିରେ ତାଂକର ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସାମ୍ବାଦିକତା ଜଗତରେ ସେ ନିଜକୁ ଆଗ ଧାଡିର ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠିତ କରିପାରିଥିଲେ। ଇଟିଭି ବିଦ୍ୟୁତିକ ଗଣମାଧ୍ୟମ କେବଳ ଓଡିଶାରେ ନୁହେଁ ବରଂ ଦେଶର ବହୁ ଭାଷାରେ ଖବର ପରିବେଷଣ କରୁଥିଲା। ରାଜ୍ୟରେ ଯେତେ ସବୁ ଆଗ ଧାଡିର ସାମ୍ବାଦିକ ରହିଛନ୍ତି ସମସ୍ତେ ରାମାଜୀ ରାଓଙ୍କ ପ୍ରେରଣା ଏବଂ ଆର୍ଶିବାଦରେ ଆଜି ବଡ ବଡ ଗଣମାଧ୍ୟମରେ ଅବସ୍ଥାପିତ ହୋଇଛନ୍ତି ବୋଲି କୁହାଯାଇଥିଲା। ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝି ଯୋଗଦେଇ ସ୍ୱର୍ଗତ ରାମାଜୀ ରାଓଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସମସ୍ତ ଅତିଥି ଶ୍ରୀ ରାଓଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବ ପ୍ରସାଦ ଦାସ, ବାଣିଜ୍ୟ ଅଧ୍ୟାପକ ଡ. ରଂଜନ କୁମାର ସ୍ୱାଇଁ, ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର, ସତ୍ୟନାରାୟଣ ପଣ୍ଡା, ପ୍ରମେନ୍ଦ୍ର ପରିଛା, ଅଶୋକ ମିଶ୍ର, ପଂଚାନନ ଦାସ, ରତ୍ନାକର ଦାଶ, ଅସିମ ବିଶ୍ୱାସ, ବିକ୍ରମ ପାଢୀ, ସନ୍ତୋଷ ନାୟକ, କ୍ରିଷ୍ଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଇଟିଭିର ପ୍ରତିନିଧି ପଂଚାନନ ଦାଶ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋହନ ମାଝୀ ଓଡ଼ିଶାର...

ଜଣେ ଆଦିବାସୀ ଚେହେରାକୁ ନିଜର ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାରେ ଅବସ୍ଥାପିତ କରାଇଛି । ଆସନ୍ତାକାଲି ଅପରାହ୍ନରେ ଶପଥ ଗ୍ରହଣ ସମାରୋହ ଚୂଡ଼ାନ୍ତ ହୋଇଥିବାରୁ ବିଜେପିର ନବନିର୍ବାଚିତ ବିଧାୟକ ଦଳ ନେତା ଶ୍ରୀ ମାଝୀ ନିଜର ଦୁଇଜଣ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ରାଜଭବନ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ନୂଆ ସରକାର ଗଠନ ପାଇଁ ଲିଖିତ ଭାବେ ଦାବି ଉପସ୍ଥାପନ କରିବେ । ଅପରାହ୍ନରେ ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂ ଓ ଭୂପିନ୍ଦର ଯାଦବଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦଳର ୭୮ଜଣ ବିଧାୟକଙ୍କ ସମେତ ଓଡ଼ିଶା ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସଭାପତି ମନମୋହନ ସାମଲ, ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ସହପ୍ରଭାରୀ ଲତା ଉସେଣ୍ଡି, ଓଡ଼ିଶାର ୩ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସାଂସଦ ବୈଜୟନ୍ତ ପଣ୍ଡା, ସାଂସଦ ଅପରାଜିତା ଷଡ଼ଙ୍ଗୀ, ପ୍ରଦୀପ ପାଣିଗ୍ରାହୀ, ସ୍ୱାଧୀନ ବିଧାୟକ ହିମାଂଶୁଭୂଷଣ ସାହୁ(ବିଜେପିରେ ସାମିଲ) ପ୍ରମୁଖଙ୍କ ସମେତ ଦଳର ସମସ୍ତ ସାଂସଦ ଉପସ୍ଥିତ ଥିଲେ । ଆଜି ରାତିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ଦଳର ବରିଷ୍ଠ ପଦାଧିକାରୀ ଓ ନବନିର୍ବାଚିତ ବିଧାୟକ ଦଳ ନେତାଙ୍କ ବୈଠକ ବସି ମନ୍ତ୍ରିମଣ୍ଡଳର ସଦସ୍ୟ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି । ବିଭିନ୍ନ ସମୀକରଣ ଓ ନୂଆ ସରକାର ପ୍ରତି ଆଶାଆକାଂକ୍ଷାକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ମନ୍ତ୍ରୀ ଚୟନ କରାଯିବ। ଆସନ୍ତାକାଲି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବହୁ ଭିଆଇପି ଯୋଗ ଦେବେ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଆଜି ପୂର୍ବାହ୍ନରେ ବିଜେପିର ଦଳୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂହ ଓ ଭୂପିନ୍ଦର ଯାଦବ ଭୁବନେଶ୍ୱରରେ ପହଂଚିଥିଲେ । ଉଭୟ ନେତାଙ୍କୁ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଭେଟି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ସୁରେଶ ପୂଜାରୀ, କନକବର୍ଦ୍ଧନ ସିଂହଦେଓ ଓ ତାଙ୍କ ସାଂସଦ ପତ୍ନୀ ସଙ୍ଗୀତା କୁମାର ସିଂହଦେଓ, ବିଧାୟକ ମାନସ କୁମାର ଦତ୍ତ, ବାବୁ ସିଂ ପ୍ରମୁଖ ଆଲୋଚନା କରିଥିଲେ ।

## ରାଜ୍ୟପାଳଙ୍କୁ ଭେଟି ସରକାର...

ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ଭାବେ କେଭି ସିଂଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଶପଥ ଗ୍ରହଣ କରିବେ। ଆଜି ମୋହନ ମାଝୀ ରାଜ୍ୟପାଳଙ୍କୁ ଭେଟିବା ସମୟରେ ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂହ ଓ ଭୂପେନ୍ଦ୍ର ଯାଦବ ଉପସ୍ଥିତ ରହିଥିଲେ। ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଆଉ କିଛି ବରିଷ୍ଠ ବିଜେପି ନେତା ମଧ୍ୟ ରହିଥିଲେ।

## ଶପଥ ସମାରୋହ ପାଇଁ ଟ୍ରାଫିକ ...

ଜୟଦେବ ବିହାରରୁ ନାଲକୋ ଛକ ଓ ନାଲକୋ ଛକଠାରୁ ଜୟଦେବ ବିହାର ଛକ ଏବଂ ଏହାକୁ ସଂଯୋଗ କରୁଥିବା ଗଳି ରାସ୍ତା ଦେଇ କୌଣସି ପ୍ରକାରର ଯାନବାହାନ ଯାତାୟତ କରିପାରିବ ନାହିଁ। ସେହିପରି କଟକ, ଖୋର୍ଦ୍ଧା, ନନ୍ଦନକାନନ ପଟରୁ ଜୟଦେବ ବିହାର ଓ ନାଲକୋ ଛକ ଆସୁଥିବା ଗାଡ଼ି ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଶପଥ ଗ୍ରହଣ ସମାରୋହ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ଭିଭିଆଇପି ଭୁବନେଶ୍ୱର ଆସୁଥିବାରୁ କଡ଼ା କଟକଣା ଜାରି କରିଛି କମିଶନରେଟ ପୁଲିସ। ଏହି ପରିପ୍ରେକ୍ଷୀରେ କମିଶନରେଟ୍ ପୁଲିସ୍ ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପୁଲିସ୍ କମିଶନର ସଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ପୁଲିସ୍ ଅଧିକାରୀ ଯୋଗ ଦେଇଥିଲେ। ପୂରା ଜନତା ମଇଦାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ସଭା ସ୍ଥଳୀକୁ କଡ଼ା ସୁରକ୍ଷାବଳୟରେ ରଖାଯିବ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହରେ ଜନତା ମଇଦାନରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ହେବ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ବହୁ କେନ୍ଦ୍ର ମନ୍ତ୍ରୀ ତଥା ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବେ। ସେମାନଙ୍କ ନିମନ୍ତେ ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗଭର୍ଣ୍ଣର ହାଉସଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଏହି ଲାଇନ୍‌ରେ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶପଥ ଗ୍ରହଣ ସମାରୋହ ପାଇଁ ମୋଟ୍ ୬୭ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଜନତା ମଇଦାନ ସୁରକ୍ଷା ଦାୟିତ୍ୱ ତଦାରଖ କରିବେ ଆଇଜି ପ୍ରବୀଣ କୁମାର । ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଏୟାରପୋର୍ଟ, ଉମାଶଙ୍କର ଦାସ ଟ୍ରାଫିକ ଦାୟିତ୍ୱରେ ରହିବେ। ସେହିପରି ୧୩ ଜଣ ଡିସିପି ରାଙ୍କ ଅଫିସର, ୧୮ ଏଡିସିପି ରାଙ୍କ ଅଧିକାରୀ, ୫୮ ଏସିପି, ୯୪ ଇନ୍ସପେକ୍ଟର ସୁରକ୍ଷା ଦାୟିତ୍ୱରେ ରହିବେ। ୩ ଏସଟିଏ ୟୁନିଟ ସହ ଡଗ୍ ସ୍କ୍ୱାର୍ଡ, ବମ୍ ସ୍କ୍ୱାର୍ଡ ମୁତୟନ ହେବା ସହ ଗାଡ଼ିମୋଟର ଯାଞ୍ଚ କରୁଛନ୍ତି। ଆସନ୍ତାକାଲି ଜନତା ମଇଦାନକୁ ଆସିବାକୁ ଥିବା ସାଧାରଣ ଲୋକଙ୍କ ନିମନ୍ତେ ଜାରି ହୋଇଛି ଆଡଭାଇଜରୀ। ଯେଉଁମାନେ କାର କିମ୍ବା ଦୁଇ ଚକିଆରେ ଆସିବେ ଆଚାର୍ଯ୍ୟ ବିହାର ଛକରୁ ଆପୋଲ ହସ୍ପିଟାଲ ପର୍ଯ୍ୟନ୍ତ ଆସିବେ । ସେଠାରେ ୪ ଚକିଆ ଯାନର କାର ଡ୍ରପିଂ ପଏଣ୍ଟ ହୋଇଛି। ସେଠାରୁ ଚାଲି ଚାଲି ଜନତା ମଇଦାନକୁ ଆସିବେ। ସେହିପରି ଯେଉଁମାନେ ବସ୍‌ରେ ଆସିବେ ଆଚାର୍ଯ୍ୟ ବିହାର ଛକରୁ ୭ମ୍‌ ବାଟାଲିଅନ ଗେଟ୍ ପାଖରେ ଓହ୍ଲାଇବେ। ସେଠାରୁ ଚାଲି ଚାଲି ଜନତା ମଇଦାନକୁ ଆସିବେ। କେବଳ ଭିଭିଆଇପିମାନଙ୍କୁ ସଭା ସ୍ଥଳୀକୁ ଯିବାକୁ ପାସ୍ ଦିଆଯାଇଛି।

# ଶାଳଗଣ୍ଡି ବୋଝେଇ ଜବତ

ବେତନଟୀ, ୧୧/୬ (ନି.ପ୍ର): ବେତନଟୀ ରେଞ୍ଜ ତଥା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ସ୍ଥିତ ଶିଖରଘାଟି ଇଲାକାରୁ ପଡୋଶୀ ବାଲେଶ୍ୱର ଜିଲ୍ଲାକୁ ଚାଲାଣ ହେଉଥିବା ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ବୋଝେଇ ଦୁଇଟି ପିକଅପଭ୍ୟାନକୁ ଜବତ କରିଛି ବାରିପଦାରୁ ଆସିଥିବା ବନବିଭାଗର ସ୍ୱତନ୍ତ୍ର ସ୍କାର୍ଡ । ହସ୍ତଗତ ସୂଚନା ମୁତାବକ ଶିଖରଘାଟି ଇଲାକାରୁ ପଡୋଶୀ ବାଲେଶ୍ୱର ଜିଲ୍ଲାକୁ ମୂଲ୍ୟବାନ ଶାଳକାଠ ଚୋରା ଚାଲାଣ ହେଉଥିବା ନେଇ ବନବିଭାଗକୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା । ଏନେଇ ବାରିପଦା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗର ସ୍ୱତନ୍ତ୍ର ସ୍କାର୍ଡ ବାରିପଦାରୁ ଆସି କୃଷ୍ଣଚନ୍ଦ୍ରପୁର ଇଲାକାରେ ଜଗି ରହିଥିଲେ । ବଣୁଆହାତୀଙ୍କ ଗତିବିଧ ନିୟନ୍ତ୍ରଣରେ ବେତନଟୀ ବନବିଭାଗ ବ୍ୟସ୍ତଥିବାର ଭାବି ବିଳମ୍ବିତ ରାତିରେ ବାଲେଶ୍ୱର ଅଞ୍ଚଳର ଆନ୍ତଃଜିଲ୍ଲା କାଠମାଫିଆମାନେ ଓଆର-୦୫ଏସ-୧୧୪୫ ଏବଂ ଓଆର-୦୫ ଆର-୫୪୬୫ ଓଆର୦୧ଜି-୫୭୯୧ ନମ୍ବର ବିଶିଷ୍ଟ ପିକଅପଭ୍ୟାନଯୋଗେ ମୂଲ୍ୟବାନ ଶାଳଗଣ୍ଡି ବୋଝେଇକରି ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଶିଖରଘାଟି କେନାଲରାସ୍ତାରେ ବନବିଭାଗର ସ୍ୱତନ୍ତ୍ରସ୍କାର୍ଡ ମାଡି ବସିଥିଲା । ଅନ୍ଧାରରେ ପିକଅପ ଭ୍ୟାନ ଚାଳକ ଏବଂ କାଠମାଫିଆମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ଜବତ ଦୁଇଟି ପିକଅପଭ୍ୟାନକୁ ବେତନଟୀ ରେଞ୍ଜ ଅଧୀନ କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡକୁ ଅଣାଯାଇଥିବା ବେଳେ ଆଜି କାଠଗଣ୍ଡି ଗୁଡିକର ମାପ କରାଯାଇଥିଲା । ଗୋଟିଏ ପିକଅପଭ୍ୟାନରେ ୧୮ଖଣ୍ଡ ଶାଳଗଣ୍ଡି ଯାହାର ପରିମାଣ ୭୦.୫୨ସିଙ୍ଗ ଏବଂ ଅନ୍ୟଏକ ପିକଅପଭ୍ୟାନରେ ଥିବା ୨୫ଖଣ୍ଡ ଶାଳଗଣ୍ଡି ଯାହାର ପରିମାଣ ୭୩. ୪୨ ସିଫ୍ଟ ବୋଲି ଜଣାପଡିଥିଲା । ଉଭୟ ପିକଅପଭ୍ୟାନରୁ ସର୍ବମୋଟ ୧୪୩.୯୪ ସିଫ୍ଟ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଜବତ କରାଯାଇଥିବା ବେଳେ ଏହାର ବଜାରମୂଲ୍ୟ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବାନେଇ ଆକଳନ କରାଯାଇଛି ।

# ୨୫ କେଜି ଗଞ୍ଜେଇ ଜବତ: ଚାରି ଗିରଫ

ମାଲକାନଗିରି, ୧୧/୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଏସଆଇ ସୁଜିତ କୁମାର ବିଶ୍ୱାସ ସୁଧାକୋଂଟା ଅଂଚଳରେ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଗତକାଲି ଦିନିକିଆ ପାଟ୍ରୋଲିଂ ଡ୍ୟୁଟି କରୁଥିବା ବେଳେ ଗୋଟିଏ ଗଞ୍ଜେଇ ମାମଲା ଚିହ୍ନଟ କରି ୨୫ କେଜି ଗଞ୍ଜେଇ ଜବତ କରିଥିଲେ। ଏଥିରେ ଚାରି ଜଣ ଯୁବକଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ କଳା ରଙ୍ଗର ବଜାଜ ପଲସର ଓ ଗୋଟିଏ କେଟିଏମ ୧୨୫ ବାଇକ ଓ ଚାରିଟି ମୋବାଇଲ୍ ଜବତ କରିଥିଲେ। ଗିରଫ ଚାରି ଜଣ ଅଭିଯୁକ୍ତ ହେଲେ ତେଲେଙ୍ଗାନା ରାଜ୍ୟ ସାଙ୍ଗେରେଡି ଜିଲ୍ଲାର ରାଥୋଡ୍ ଶ୍ରୀନିବାସ୍, ରାଥୋଡ ଶ୍ରୀନୁ, ରାଥୋଡ ବିକ୍ରମଏବଂ ବାଦିତ୍ୟ ପବନ। କାଳିମେଳା ଥାନା କେସ୍ ନଂ - ୫୦ / ୨୦୨୪ ରେ ଏକ କେସ୍ ରେଜିଷ୍ଟର ହୋଇଛି ଏବଂ ଅନୁସନ୍ଧାନ କରାଯାଇଛି। ଆଜି ସମସ୍ତ ଚାରି ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# କୁଡୁମୁଲୁଗୁମ୍ମାରେ ନବ ନିର୍ବାଚିତ ବିଧାୟକ ମଙ୍ଗୁ ଖିଲଙ୍କ ବିଜୟ ଶୋଭାଯାତ୍ରା

ମାଲକାନଗିରି, ୧୧/୬ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ମଙ୍ଗୁ ଖିଲଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରୁ ଏକ ବିରାଟ ପଟୁଆରରେ ବିଧାୟକ ଶ୍ରୀ ଖିଲ ଶୋଭାଯାତ୍ରାରେ ବାହାରି ଥିଲେ ଓ ଏହି ଅଂଚଳର ହଜାର ହଜାର ବାସିନ୍ଦା ସେହି ଶୋଭାଯାତ୍ରାରେ ସାମିଲ ହେବା ସହ ନବ ବିଧାୟକଙ୍କୁ ସ୍ୱାଗତ କରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ମାଦଳର ତାଳେତାଳେ ଯୁବତୀ ମାନଙ୍କର ଢେମସା ନୃତ୍ୟ ଓ ଯୁବକ ମାନେ ବାଇକ୍ ପଟୁଆରରେ ବାହାରି ବିଭନ୍ନ ଜୟକାର ଧ୍ୱନି ଦେଇଥିଲେ । ନିଜର ପ୍ରତିକ୍ରିୟାରେ ବିଧାୟକ ଶ୍ରୀ ଖିଲ କହିଛନ୍ତି ଯେ, ଏହି ବିଜୟ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ସମସ୍ତ ଅଧିବାସୀଙ୍କ ବିଜୟ ଓ ସେ ଆଗାମୀ ଦିନରେ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ପ୍ରାଥମିକତା ଦେବା ସହିତ ଚାଷୀ ମାନଙ୍କ ଜମିକୁ ଜଳସେଚନ ଓ ପ୍ରତ୍ୟକ ପରିବାର ଲୋକଙ୍କ ଘରେ ଘରେ ପିଇବା ପାଣି ଯୋଗାଇବା ନିମନ୍ତେ ଚେଷ୍ଟା ଜାରି ରଖିବେ । ଆଜିର ଏହି ଶୋଭାଯାତ୍ରାରେ ବିଧାୟକଙ୍କ ସହିତ ଫଗୁରାମ୍ ମୁର୍ମୁ, ଏସାକ୍ ଖୋସଲା, ଦିବାକର ସୁନା, ଅଶୋକ ରାଜ୍, ବନ୍ଧୁ କୁର୍ତାଡି ପ୍ରମୁଖ କଂଗ୍ରେସ ଦଳର ନେତାମାନେ ଉପସ୍ଥିତ ଥିଲେ ।

# କୋରାପୁଟରେ ଝାଡ଼ାବାନ୍ତି ଆତଙ୍କ: ୪୦ ଅସୁସ୍ଥ

କୋରାପୁଟ, ୧୧/୬ (ନି.ପ୍ର): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ସୁବାଇ ଗାଁର ଗଉଡ ସାହିରେ ଝାଡ଼ାବାନ୍ତି ଆତଙ୍କ। ଝାଡ଼ାବାନ୍ତିରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେଉଁ କାରଣ ପାଇଁ ଗଉଡ ସାହିରେ ଝାଡ଼ାବାନ୍ତି ବ୍ୟାପିଛି, ତାର କାରଣ ଜଣାପଡ଼ି ନାହିଁ। ଗ୍ରାମବାସୀ ଦୂଷିତ ପାଣି ପିଇବା ଯୋଗୁ ଏହି ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ପାଣିର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଗାଁରେ ମେଡିକାଲ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଡାଲିଆକୁଜି ପଞ୍ଚାୟତର ଗଇଲକଣା ଗାଁରେ ଝାଡ଼ାବାନ୍ତିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଅସୁସ୍ଥ ହୋଇଛନ୍ତି।

# ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ

ସମ୍ବଲପୁର, ୧୧/୬ (ନି.ପ୍ର): ଶୀତଳ ଷଷ୍ଠୀ ଯାତ୍ରା ଲାଗି ଉତ୍ସବମୁଖର ହୋଇଉଠିଛି ସମ୍ବଲପୁର ସହର। ଗତକାଲି ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଶିବାଳୟରୁ ଦେବ ଦେବ ମହାଦେବ ବରବେଶରେ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ବାହାରିଥିଲେ। ବାଜା ବାଣ ରୋଷଣୀ ସହ ଲୋକ ଗୀତ ଓ ନୃତ୍ୟର ତାଳେ ତାଳେ ଶୋଭାଯାତ୍ରା କନ୍ୟା ଘର ଅଭିମୁଖେ ଅଗ୍ରସର ହୋଇଥିଲା। ସେଠାରେ ପହଂଚିବା ପରେ ପାରମ୍ପରିକ ବୈଦିକ ରିତି ନିତିରେ ବରଙ୍କୁ ବାଟ ବରଣ କରି ବେଦୀକୁ ନିଆଯାଇଥିଲା। ପଣ୍ଡିତ ମାନଙ୍କର ମନ୍ତ୍ରୋଚାରଣ ମଧ୍ୟରେ, ବେଦୀ ଉପରେ ବୈଦିକ ରୀତିନୀତିରେ ଦେବ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ପରେ ନବ ବିବାହିତ ଦେବ ଦମ୍ପତି ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରିବେ। ସଂଧ୍ୟାରେ ଶିବ ପାର୍ବତୀଙ୍କ ମନ୍ଦିର ପ୍ରବେଶ ସହିତ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଶେଷ ହେବ । ବିବାହ ପରେ ନବ ପରିଣିତ ଦେବଦମ୍ପତି ଷଷ୍ଠୀ ତିଥିରେ ମନ୍ଦିର ବେଢ଼ାରେ ପାଲିଙ୍କିରେ ପହଂଚି ସେଠାରୁ ରାତି ସମୟରେ ସୁସଜ୍ଜିତ ରଥମାଙ୍କରେ ପାର୍ଶ୍ୱ ଦେବା ଦେବଙ୍କ ସହ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା କରିବେ। ରଥ ଉପରେ ଭକ୍ତମାନଙ୍କୁ ଦର୍ଶନ ଦେବା ଉତାରୁ ସପ୍ତମୀ ତିଥିର ସନ୍ଧ୍ୟା ସୁଦ୍ଧା ଦେବ ଦମ୍ପତି ମନ୍ଦିର ଗମ୍ଭୀରା ବିଜେ କରିବେ। ବୁଧବାର ସନ୍ଧ୍ୟା ସୁଦ୍ଧା ଦେବ ଦମ୍ପତି ପାର୍ଶ୍ୱ ଦେବାଦେବୀଙ୍କ ସହିତ ମନ୍ଦିର ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି। ଦେବଦମ୍ପତିଙ୍କ ଯୁଗଳ ବିଗ୍ରହ ଦର୍ଶନ ପାଇଁ ମଣ୍ଡପ ସାଜସଜ୍ଜା ସମ୍ପୂର୍ଣ୍ଣ ହୋଇଛି। ନିୟମ ଅନୁଯାୟୀ ଭକ୍ତମାନେ ଯେପରି ଶିବ-ପାର୍ବତୀଙ୍କ ଦର୍ଶନ କରିବେ, ସେଥିପାଇଁ ଯାତ୍ରା କମିଟୀମାନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ସେହିପରି ନନ୍ଦପଡ଼ାର ବମ ବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ପୀଠ, ମୁଦିପଡ଼ା ଜାଗେଶ୍ୱର ମହାଦେବ, ବାଲିବନ୍ଧାର ସୋମନାଥ ବାବା ଏବଂ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁରୂପ ଭାବେ ବଡ଼ବଜାରର ଶୀତଳେଶ୍ୱର, ଦୁର୍ଗାପାଲିର ଗୁଡ଼େଶ୍ୱର, ମାନେଶ୍ୱରର ମାନ୍ଧାତା, ରାନୀବନ୍ଧର ରାମେଶ୍ୱର, ସିନ୍ଦୁରପଙ୍କର ଚନ୍ଦ୍ରଶେଖର, ଠାକୁରପଡ଼ା ଓ ମ୍ୟୁନିସିପାଲଟି ଛକର ଗୁପ୍ତେଶ୍ୱର ପ୍ରଭୃତି ଶିବାଳୟ ମାନଙ୍କରେ ମଧ ଦେବବିବାହ ଅନୁଷ୍ଠିତ ହୋଇଛି । ଆଇନ ଶୃଙ୍ଖଳା ସ୍ଥିତି ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ୧୩ରୁ ପ୍ରସିଦ୍ଧ ଖଣ୍ଡିତର ସର୍ବଭାରତୀୟ ଦିବାରାତ୍ର କବାଡି ପ୍ରତିଯୋଗିତା

ଧର୍ମଶାଳା, ୧୧/୬ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଖଣ୍ଡିତର କବାଡି ପ୍ରତିଯୋଗିତା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ । ଯାଜପୁର କବାଡି ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ୧୩ ତାରିଖରୁ ଖଣ୍ଡିତର ଷ୍ଟଡିୟମ୍ରେ ସର୍ବଭାରତୀୟ ଦିବାରାତ୍ର କବାଡି ପ୍ରତିଯୋଗିତା ଆରମ୍ଭ ହୋଇ ୧୬ ତାରିଖରେ ଉଦଯାପିତ ହେବ । ଏହି ପ୍ରତିଯୋଗିତାରେ ୩୨ ଗୋଟି ପୁରୁଷ ଓ ମହିଳା ଟିମ୍ ସାମିଲ ହେବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏନେଇ ଆସୋସିଏସନର ସଭାପତି ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି କବାଡି ପ୍ରତିଯୋଗିତାରେ ପୁରୁଷ ବିଭାଗର ରାଜ୍ୟ ବାହାରୁ ଏସ.ଇ. ରେଲୱେ, ଇଷ୍ଟର୍ଣ୍ଣ ରେଲୱେ, କୋଲକାତା ପୋଲିସ,ଗୁଜୁରାଟର ଇନକମ୍ ଟ୍ୟାକ୍ସ, ହରିୟାଣା, ୟୁପି ବୁଲନ୍ଦେଶ୍ୱର, ୟୁପି ଗାଜିଆବାଦ, ମହାରାଷ୍ଟ୍ର ଅଡିନାନ୍ସ, ମହାରାଷ୍ଟ ନାଗପୁର, ଆରସିସି ଭୋପାଳ, ଷ୍ଟାର ଏକାଡେମୀ ଜବଲପୁର(ଏମପି), ବୀର ଶିବାଜୀ ବିଳାସପୁର ଓ ଛତିଶଗଡି କବାଡି ଟିମ୍ ଅଂଶଗ୍ରହଣ କରିବେ । ସେହିପରି ମହିଳା ବିଭାଗରେ ଏସ.ଇ. ରେଲୱେ, ଚନ୍ଦନନଗର(ୱେଷ୍ଟବେଙ୍ଗଲ), ସାଇ ରାଜନନ୍ଦ ଗାଁଓ ଛତିଶଗଡ ଟିମ୍ ଭାଗ ନେବେ । ରାଜ୍ୟ ମଧ୍ୟରୁ ପୁରୁଷ ବିଭାଗରେ ଶ୍ରୀ ଜଗନ୍ନାଥ ୟୁନିଭରସିଟି ପୁରୀ, ଓଡିଶା ପୋଲିସ, ନୂଆପଡା, କଟକ, କିଶୋର କ୍ଲବ, ମହାବୀର ଭୁବନେଶ୍ୱର, ନେତଜୀ ପୁରୀ ଓ ଯାଜପୁର ଟିମ୍ ଭାଗ ନେଉଥିବା ବେଳେ ମହିଳା ବିଭାଗରେ କିଟ୍, କଟକ, କିଶୋର କ୍ଲବ, କଳିଙ୍ଗ ଏକାଡେମୀ, ଆସ୍କା ଓ ଯାଜପୁର ଟିମ୍ ଭାଗ ନେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି । ୪ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୩୮୪ ଜଣ ଖେଳାଳୀଙ୍କ ସମେତ ୫୦ ଜଣ ଅଫିସିଆଲ ଉପସ୍ଥିତ ରହି ଖେଳକୁ ପରିଚାଳନା କରିବେ । ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧ ଲକ୍ଷ ଟଙ୍କା ଓ ରନର୍ସ ଅପ ଦଳକୁ ୬୦ ହଜାର ଟଙ୍କା ଓ ୩ୟ ଦଳକୁ ୩୦ ହଜାର ଟଙ୍କା ଓ ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୨୫ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରଥମାଖଣ୍ଡ-ବନ୍ଧଡିହ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସରୁନି : ହିନସ୍ତା ହେଉଛନ୍ତି ଜନସାଧାରଣ

ଧର୍ମଶାଳା, ୧୧/୬ (ନି.ପ୍ର): ଦୀର୍ଘ ଦିନ ସ୍ଥାୟୀ ମରାମତିର ଅଭାବ ଓ ସାମାନ୍ୟ ବର୍ଷାରେ ମୁଖ୍ୟ ରାସ୍ତାମାନଙ୍କରେ ପୁରୁଣା ପିଚୁ ଓ କଂକ୍ରିଟ୍ ରାସ୍ତା ଭାଙ୍ଗି ଯାଇ ଖାଲଖମାରେ ପରିଣତ ହୋଇଛି । ଫଳରେ ଯାତାୟତରେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ଥାୟୀ ମରାମତି କାର୍ଯ୍ୟ କରାଯାଉଛି । ଏହି କାର୍ଯ୍ୟ ଅହେତୁକ ବିଳମ୍ବ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଆରଡି ଅଧିନରେ ଥିବା ପ୍ରଥମାଖଣ୍ଡ-ବନ୍ଧଡିହ ମୁଖ୍ୟ ରାସ୍ତାରେ । ପାଖାପାଖି ୨ ବର୍ଷ ପୂର୍ବେ ଏହି ରାସ୍ତାର ଉନ୍ନତି କରଣ ନିମନ୍ତେ ଟେଣ୍ଡର କରାଯାଇ ପୁରୁଣା ରାସ୍ତାକୁ ନୂତନ ରାସ୍ତା ନିମନ୍ତେ କାର୍ଯ୍ୟାଦେଇ ଦିଆଯାଇଥିଲା । ପ୍ରଥମାଖଣ୍ଡଠାରୁ ଝାଲପଡା ଛକ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରିଯାଇଛି । ହେଲେ ବ୍ରହ୍ମବରଦାଠାରୁ ବନ୍ଧଡିହ ରାସ୍ତା ଏବେ ଅଧପନ୍ତରିଆ ହୋଇପଡିଛି । ଠିକାଦାର ଏହି ପୁରୁଣା ରାସ୍ତାକୁ ଖୋଳିବା ସହିତ ଏହି ରାସ୍ତା ଉପରେ ମାଟି ଓ ଚିପ୍ସ ପକାଇ ଦେଇଛି । ଉଭୟ ପାର୍ଶ୍ୱରେ ମାଟି ପଡିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଏହି ରାସ୍ତା ୨୦ ଗୋଟି ପଂଚାୟତର ମୁଖ୍ୟ ରାସ୍ତା ହୋଇଛି । ଦୈନନ୍ଦିନ ଶହଶହ ଲୋକେ ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ରାସ୍ତାରେ ପିଚୁ ଉଠିଯିବା ଫଳରେ ଶହଶହ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ପାଣି ଜମିବା ସହ କାଦୁଅ ପଚପଚ ରାସ୍ତାରେ ବାଇକ୍ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ରାସ୍ତାରେ ଧୂଳି ଉଡିବା ଫଳରେ ରାସ୍ତାରେ ଯାତାୟତ କରୁଥିବା ଛୋଟଛୋଟ ଶିଶୁମାନେ ବିଶେଷ ପ୍ରଭାବିତ ହେଉଛନ୍ତି । ଅନ୍ୟ ପକ୍ଷେ ଏହି ରାସ୍ତା ସମ୍ପ୍ରସାରଣରେ ବହୁ ବିଳମ୍ବ ଘଟୁଛି । ଠିକାଦାର ନିଜ ମନ ମୁତାବକ କାମ କରୁଥିବା ସହ ଏହି ରାସ୍ତାକୁ ଗୁରୁତ୍ୱ ଦେଉ ନ ଥିବାରୁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏହି ରାସ୍ତାର ତୁରନ୍ତ କାର୍ଯ୍ୟ ସାରିବାକୁ ଦାବି କରିବା ସହ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ପଂଚାୟତବାସୀ ଦାବି କରିଛନ୍ତି ।

# କଦମପଡା ଶିଶୁ ମନ୍ଦିରରେ 'ମେଧାବୀ ସମ୍ବର୍ଦ୍ଧନା-୨୦୨୪'ପାଳିତ

ବଲାଙ୍ଗୀର, ୧୧/୬ (ନି.ପ୍ର): କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି "ମେଧାବୀ ସମ୍ବର୍ଦ୍ଧନା-୨୦୨୪" ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସନାତନ ଠାକୁର ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀ , ଏ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ଉତୀର୍ଣ୍ଣ ଏ-୧ ଆଠ ଜଣ,ଜାତୀୟ ଗ୍ରାମାଚଂଳ ମେଧାବୃତିରେ ତିନି ଜଣ, ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଉତୀର୍ଣ୍ଣ ତିନିଜଣଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା । ଏତଦ୍ ସହିତ ସେମାନଙ୍କ ମାତାପିତା ତଥା ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ତଥା ସେମାନଙ୍କ ମାତାପିତା ଓ ଯୁକ୍ତ ଦୁଇ ବିଜ୍ଞାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି କଥନ କରିଥିଲେ । ଗୁରୁଜୀ ଗୁରୁମାମାନେ ମଧ ଆଶୀର୍ବଚନ ପ୍ରଦାନ କରିଥିଲେ । ସମିତିର ପୂର୍ବତନ ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ଓ କୋଷାଧକ୍ଷ ସତ୍ୟାନନ୍ଦ ଷଡ଼ଙ୍ଗୀ ନିଜ ନିଜର ଅଭିମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନର ସଫଳତା ପାଇଁ ଉତ୍ସାହିତ କରିଥିଲେ । ସଭାପତି ମଧ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧା ସମ୍ମାନ ଜ୍ଞାପନ କରିବା ସହ ଭବିଷ୍ୟତ ପାଇଁ ଉଜ୍ଜୋଗୀ ହେବା ପାଇଁ ପ୍ରେରିତ କରିଥିଲେ । ମଂଚାସୀନ ଅନ୍ୟ ଅତିଥିଙ୍କ ମଧ୍ୟରେ ଯୁଗ୍ମ ସଂପାଦିକା ଭଗବତୀ ସେଠ ଓ ରୋଧ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପ୍ରଧାପକ ରାଧେଶ୍ୟାମ ଯୋଷୀ ଉପସ୍ଥିତ ଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂପାଦକ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ସାମୁହିକ ସହଭୋଜ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେଇଥିଲେ । ଗୁରୁଜୀ ସାଧୁରାମ ନାଏକଙ୍କ ସଂଚାଳନରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତା ସହ ସଂପୂର୍ଣ୍ଣ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ରେଳ ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ, ୧୧/୬ : ମଙ୍ଗଳବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳଭବନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ବୈଷ୍ଣବଙ୍କ ବ୍ୟତୀତ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁ ଏବଂ ବି ସୋମନ୍ନା ବି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ରେଲୱେ ବୋର୍ଡର ଚେୟାରମ୍ୟାନ ଏବଂ ସିଇଓ ଜୟା ବର୍ମା ବୋର୍ଡର ସଦସ୍ୟ ଏବଂ ସହକର୍ମୀଙ୍କ ସହିତ ରେଳମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।ଦାୟିତ୍ୱ ଗ୍ରହଣ କରିବା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଲୋକେ ପୁଣି ଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଶର ସେବା କରିବା ପାଇଁ ଆଶୀର୍ବାଦ ଦେଇଛନ୍ତି । ରେଲୱେର ବିଦ୍ୟୁତିକରଣ ହେଉ, ନୂଆ ଧାରଣାର ନିର୍ମାଣ ହେଉ, ନୂଆ ପ୍ରକାରର ଟ୍ରେନ ହେଉ, ନୂଆ ସେବା ହେଉ କିମ୍ବା ଷ୍ଟେସନର ପୁନର୍ବିକାଶ, ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରମୁଖ ଉପଲବ୍ଧ ରହିଛି । ପ୍ରଧାନମନ୍ତ୍ରୀ ରେଲୱେକୁ ଫୋକସରେ ରଖିଛନ୍ତି, କାରଣ ରେଲୱେ ସାଧାରଣ ଲୋକଙ୍କ ପରିବହନର ସାଧନ ଅଟେ ଏବଂ ଆମ ଦେଶର ଅର୍ଥବ୍ୟବସ୍ଥା ମଜବୁତ ସ୍ଥିତିରେ ଅଛି, ଏଥିପାଇଁ ରେଲୱେ ଉପରେ ବହୁତ ଗୁରୁତ୍ୱ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଜେପି ନଡ୍ଡା ନୂଆଦିଲ୍ଲୀ- ଜଗତ ପ୍ରକାଶ ନଡ୍ଡା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଜାଧବ ପ୍ରତାପରାଓ ଗଣପତରାବ ଓ ଅନୁପ୍ରିୟା ପଟେଲ ବି ଉପସ୍ଥିତ ଥିଲେ । ଏହାପୂର୍ବରୁ ଶପଥ ଗ୍ରହଣ ସମାରୋହ ପରେ ସେ ଟ୍ୱିଟ କରି ଧନ୍ୟବାଦ ଜଣାଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ, ଭାରତ ବିକାଶ, ନବାଚାର ଓ ସମୃଦ୍ଧିକୁ ପ୍ରୋତ୍ସାହିତ କରି ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି ।

# ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ଚୟନ

ବସ୍ତା, ୧୧/୬ (ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଜଳକାପ୍ରଜେକ୍ଟ ଆଖଣ୍ଡଳମଣୀ ପିଠରେ ଜଳକା ପ୍ରଜେକ୍ଟ ବରିଷ୍ଠ ନାଗରିକ ମଞ୍ଚ ର କର୍ମକର୍ତ୍ତା ଚୟନ ହୋଇଯାଇ ଅଛି ।ସର୍ବସମ୍ମତି କ୍ରମେ ବିଜୟକୁମାର ବେହେରା ସଭାପତି ଭାବେ ମନୋନୟନ ହୋଇଥିବାବେଳେ ସେକ୍ରେଟେରୀ ଅଜୟ କୁମାର ଦାସ.କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାସ.ସହଯୋଗି ଶଚିନ୍ଦ୍ର କୁମାର ସାହୁ.ମନୋନିତ ହୋଇଛନ୍ତି । ସଦସ୍ୟଭାବେ ପ୍ରଦୀପ କୁମାର ପଣ୍ଡା,ନରେନ୍ଦ୍ର କୁମାର ଦଣ୍ଡପାଟ, ସଞ୍ଜୟକୁମାର ବେହେରା.ରବିନ୍ଦ୍ରକୁମାର ସାହୁ.ପୂର୍ଣ୍ଣଚନ୍ଦ୍ରଗିରି.ପଦ୍ମଲାଭ ସାହୁ.ଗଙ୍ଗାଧର ନାୟକ.ରବିନ୍ଦ୍ର ଆଇଚ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।ପ୍ରକାଶଥାଉକି ଏହି ନୂତନ ନାଗରିକ ମଞ୍ଚ ର ଉତ୍ତର ଉର ଉନ୍ନତି ତଥା ବିଭିନ୍ନଜନ ସାଧାରଣଙ୍କ ସମସ୍ୟା ତଥା ସାମାଜିକ କାର୍ଯ୍ୟ କରିବା ଅଭିପ୍ରାୟନେଇ ଗଠନ କରାଯାଇଛି ବୋଲି ସଭାପତି ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଛନ୍ତି ।ଏନେଇ ରେଜିଷ୍ଟେସନ କରିବା ସହିତ ଏକକିତା ନକଲ ଏଡିଏମୋ ନିକଟକୁ ପ୍ରେରଣ କରାଯାଇଛି ବୋଲି କର୍ମକର୍ତ୍ତା ମାନେ କହିଛନ୍ତି ।

# ‘ପ୍ରଜାପତି’ର ଦିଗ୍‌ବଳୟସ୍ପର୍ଶୀ ସନ୍ଧ୍ୟା

ବାଲେଶ୍ୱର, ୧୧/୬ (ନି.ପ୍ର): ସାଂପ୍ରତିକ ବିଶ୍ୱାୟତନରେ ଆମ ଭାଷା ସାହିତ୍ୟ ଅଦୃଶ୍ୟ ଅପହଞ୍ଚ ସ୍ଥାନରେ କୋଣଠେସା ଖାଇ ପଡ଼ିରହୁଥିବାର ଅନେକ ଦୃଷ୍ଟାନ୍ତ ଆମକୁ ଚୁପ୍ କରି ରଖିଥିଲାବେଳେ ବାଲେଶ୍ୱରର ‘ପ୍ରଜାପତି’ ଅନୁଷ୍ଠାନର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଏକ ଅଭିନବ ସାରସ୍ୱତ ଅନୁପ୍ରାସ ‘ଦିଗ୍‌ବଳୟ’ ସନ୍ଧ୍ୟା ସ୍ଥାନୀୟ ‘ଆତିଥ୍ୟ’ ଭବନରେ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଏତାଦୃଶ ଅଭିନବ ‘ଦିଗବଳୟ’ ସନ୍ଧ୍ୟାକୁ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ କହିଛନ୍ତି ଯେ ଶିକ୍ଷା ଓ ଜ୍ଞାନର ବିକାଶ ଘଟିଲେ ମନ ଅନ୍ତରାଳରେ ଥିବା ସତ୍ୟତାକୁ ଅନୁଭବ କରିବାକୁ ହିଁ ସାହିତ୍ୟ କୁହାଯାଏ । ଏକ ବୌଦ୍ଧିକ ସଚେତନତାର ସର୍ତ୍ତ ଉପସ୍ଥାପନ କରି ବିବିଧ ଭାଷାର ସାହିତ୍ୟ ପଠନ ନ କଲେ ଆମ୍ଭେ ଅଂଧକାର ଭିତରେ ରହିଯିବୁ । ବହୁବିଧ ପୁସ୍ତକପାଠର ସଫଳ ନମୁନା ସଦୃଶ ଆଜି ସନ୍ଧ୍ୟାର ଶ୍ରଦ୍ଧେୟା ପ୍ରୀତିକ୍ରିଷ୍ଟା (ସୂଚୀ) ଏକ ଆଲୋକିତ ଉଦାହରଣ ସୃଷ୍ଟି କରିଛନ୍ତି । ସୁନ୍ଦର ଚିନ୍ତାଟିଏ ମନଭିତରେ ବାଂଧି ହୋଇଗଲେ ତାହା ମଣିଷକୁ ସତ୍‌ମାର୍ଗ ଦେଖାଇ ସାହସ ପ୍ରଦାନ କରିଥାଏ । ଏହା ପଠନର ଶ୍ରେଷ୍ଠ ଉପହାର । ଇଞ୍ଜିନିୟରିଂରେ ଗବେଷଣାରତ ପ୍ରୀତିକ୍ରିଷ୍ଟା ଓଡ଼ିଆ ଭାଷାର ତାଙ୍କ ପ୍ରିୟ ପୁସ୍ତକ ଗୋଦାବରୀଶ ମହାପାତ୍ରଙ୍କ ‘ଶ୍ରେଷ୍ଠଗଳ୍ପ’, ବିଭୂତି ପଟ୍ଟନାୟକଙ୍କ




‘ବଧୂ ନିରୂପମା’, ହିନ୍ଦୀ ଭାଷାର ପ୍ରେମଚାନ୍ଦଙ୍କ ‘ଗୋଦାନ’ ଏବଂ ଇଂରାଜୀ ଭାଷାର ସେକ୍ସପିୟରଙ୍କ ‘ହେମଲେଟ୍’ ନାଟକ, ଟଲଷ୍ଟୟଙ୍କ ‘ୱାର ଏଣ୍ଡ୍ ପିସ୍’ ଉପନ୍ୟାସ, ସମକାଳର ଭାରତୀୟ ଔପନ୍ୟାସିକ ଚେତନ ଭଗତ୍‌ଙ୍କ ‘ଥ୍ରୀ ମିଷ୍ଟେକ୍ସ ଅଫ୍ ଲାଇଫ୍’ ତଥା ଅଜୟ ପାଣ୍ଡେଙ୍କ ‘ୟୁ ଆର୍ ମାଇଁ ବେଷ୍ଟ ୱାଇଫ୍’ ଉପନ୍ୟାସର ମୂଳସୂତ୍ର ଆଲେଖ୍ୟ ରଖି ‘ସାହିତ୍ୟ ଗଣିତ ନୁହେଁ, ଏହା ଏକ ତୀବ୍ର ଅନୁଭବ’ ବୋଲି ମତବ୍ୟକ୍ତ କରି ଶତ୍ରୁବର୍ଗଙ୍କୁ ବିମୋହିତ କରିଥିଲେ । ଏହି ଉଚ୍ଚତର ଭାବାବେଗରେ କବି ଶ୍ରୀଦେବ, କବି-ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି-ଗାଳ୍ପିକ କୃଷ୍ଣ କୁମାର ମହାନ୍ତି ବରିଷ୍ଠ ସାମ୍ବାଦିକ ଶଶିରଂଜନ ମଲ୍ଲିକ ଏବଂ କବି-କ୍ରିଟିକ୍ ଉତ୍ପଳ ମହାନ୍ତି ନିଜନିଜର ପାଠକୀୟତା ସଂପର୍କିତ ସ୍ୱତନ୍ତ୍ର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ତଥା ଶେଷୋକ୍ତି ପ୍ରଜାପତିର ‘ସଂପାଦକ’ ରାଜେଶ ଗିରି ରଖିଥିଲା ବେଳେ ସଦସ୍ୟ ଅରଜିତ୍ ଦାସ, ପାର୍ଥ ସାରଥୀ ସାହୁ, ବିପ୍ଲବ ଦାସ ମହାପାତ୍ର, ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ ଏବଂ ପ୍ରୀତିକ୍ରିଷ୍ଟାଙ୍କ ମା’ ପ୍ରେୟସୀ ମହାପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୨ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୧/୬ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୨ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୮ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

# ପାରାଦ୍ୱୀପ ବନ୍ଦର ପକ୍ଷରୁ ବିକଳ୍ପ ସଡ଼କ ସଂଯୋଗିକରଣ ରାସ୍ତା ଉଦ୍‌ଘାଟିତ

ପାରାଦ୍ୱୀପ, ୧୧/୬ (ନି.ପ୍ର): ପାରାଦ୍ୱୀପ ବନ୍ଦର ପ୍ରାଧିକରଣ (ପିପିଏ) ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରୁ ବନ୍ଦର ଟାଉନସିପ୍ ପର୍ଯ୍ୟନ୍ତ ଏକ ବିକଳ୍ପ ସଡ଼କ ସଂଯୋଗ ବ୍ୟବସ୍ଥା ର ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଏକ କାର୍ଯ୍ୟକ୍ରମ ରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ନୂତନ ସଡ଼କ ର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦରର ବହୁ ଉଚ୍ଚ ଅଧିକାରୀ ମାନେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ରେ



ଉପସ୍ଥିତ ଥିଲେ । ଏହି ନୂତନ ସଡ଼କ ଯୋଗୁଁ ବନ୍ଦର ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହେବା ସହ ଜରୁରୀକାଳୀନ ଯାତାୟତ ରେ ଅନେକ ସୁଧାର ଆସିବ । ଏତଦବ୍ୟତୀତ ସ୍କୁଲ ସମୟରେ କେନ୍ଦ୍ରିୟ ବିଦ୍ୟାଳୟ ସାମ୍ନାରେ ଲାଗି ରହୁଥିବା ଭିଡ଼ କମିବା ସହ ସାଧାରଣରେ ଯାତାୟତ ସୁଗମ ହେବ ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ସୂଚନା ମିଳିଛି ।

# ଲୋକସେବା ମୋ ଜୀବନର ବ୍ରତ, ଗଣତନ୍ତ୍ରରେ ହାରଜିତ୍ ଏକ ପରମ୍ପରା: ସୁକାନ୍ତ ନାୟକ

ନୀଳଗିରି , ୧୧/୬ (ନି.ପ୍ର): ଗତ ୨୦୨୪ ସାଧାରଣ ନିର୍ବାଚନରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଓଡ଼ିଶାରେ ଚର୍ଚ୍ଚାରେ ରହିଥିଲା । ପ୍ରାର୍ଥୀ ଚୟନରେ ଉଭୟ ବିଜେଡ଼ି ଓ ବିଜେପି ମଧ୍ୟରେ ଛକାପଞ୍ଝା ଚାଲିଥିବା ବେଳେ ଶେଷ ମୁହୂର୍ତ୍ତରେ ବିଜେଡ଼ି ଟିକେଟ ହାତେଇବାରେ ସୁକାନ୍ତ ନାୟକ ସମର୍ଥ ହୋଇଥିଲେ । ବିଜେପି ଦଳ ଜନସମର୍ଥିତ ଗ୍ରହଣୀୟ ନେତା ସନ୍ଧାନରେ ଥିବା ବେଳେ ବିଜେଡିରୁ ପ୍ରତ୍ୟାକ୍ଷିତ ହୋଇଥିବା ସନ୍ତୋଷ କୁମାର ଖଟୁଆ ବିଜେପିରେ ସାମିଲ ହୋଇ ଟିକେଟ ପାଇ ନିର୍ବାଚନରେ ଜିତି ବିଧାୟକ ହୋଇଛନ୍ତି । ମାତ୍ର ଦୁଇ ଦୁଇଥର ବିଧାୟକ ଜିତି ଲୋକଙ୍କର ହୃଦୟରେ ଜାଗା ବାନ୍ଧିଥିବା ଇଂ ସୁକାନ୍ତ କୁମାର ନାୟକ ନିର୍ବାଚନରେ



ପରାଜୟ ପରେ ମଧ ନିଜକୁ ହତୋତ୍ସାହିତ ନକରି ପ୍ରତିଦିନ ଲୋକମାନଙ୍କ ପାଖରେ ପହଞ୍ଚି କିପରି ଅଧିକରୁ ଅଧିକ ଅଞ୍ଚଳର ବିକାଶ ସହିତ ଲୋକଙ୍କର ସୁଖଦୁଃଖ ବୁଝୁଛନ୍ତି । ସୋମବାର ଔପଦା ବ୍ଲକ୍ ଈଶ୍ୱରପୁର ଠାରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ୟାର କିପରି ସରଳ ସମାଧାନ ହେବ ତାଙ୍କ ଦଶବର୍ଷ ଅନୁଭୂତିରେ ସାଉଁଟିଥିବା ଅଭିଜ୍ଞତା ଆଗକୁ ଲୋକଙ୍କୁ ସେବା ଯୋଗାଇ ଦେବାରେ ସାହାଯ୍ୟ କରିବ ବୋଲି ସୂଚନା ଦେଇଥିଲେ । ତେବେ ନିର୍ବାଚନ ଏକ ପ୍ରକ୍ରିୟା । ନିର୍ବାଚନରେ ହାରଜିତ୍ ଅଛି । ହାରଜିତ୍ ମଧ୍ୟରେ ଯିଏ ଲୋକଙ୍କର ସେବାକୁ ପ୍ରାଥମିକତା ଦେଇ କାମକରେ ସେହିଁ ପ୍ରକୃତ ନେତା । ଶେଷରେ ଦଳମତ ନିର୍ବିଶେଷରେ ନୀଳଗିରିବାସୀ ତାଙ୍କୁ ଦୁଇଥର ବିଧାନସଭା ପଠାଇଥିବାରୁ ନୀଳଗିରି ଜନସାଧାରଣ ସବୁଦିନ ତାଙ୍କ ହୃଦୟରେ ରହିବେ ବୋଲି କହିଛନ୍ତି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ପଞ୍ଚ ତାରକା ବର୍ଗରେ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର ଲାଭ




ରାଉରକେଲା, ୧୧/୬ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପଞ୍ଚ ତାରକା ବର୍ଗରେ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର-୨୦୨୩ ଲାଭ କରିଛି । ଜୁନ୍ ୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ପୁରସ୍କାର ବିତରଣ ଉତ୍ସବରେ ଲେସୋଥୋ ରାଷ୍ଟ୍ରର ଉଚ୍ଚାୟୁକ୍ତ ସୁଶ୍ରୀ ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋଚାବା ଏହି ପୁରସ୍କାର ପ୍ରଦାନ କରିଥିଲେ । ମର୍ଯ୍ୟାଦାଜନକ ଗୁଣବତ୍ତା ଏବଂ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦତ୍ତ ଏହି ପୁରସ୍କାର ୨୦୨୩ ମସିହାରେ ପରିବେଶ ପରିଚାଳନାରେ ଆରଏସପିର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ପ୍ରଦାନ କରୁଛି । ଜୁନ୍ ୧୧ ତାରିଖରେ ମନ୍ଥନ୍ ସମ୍ମେଳନ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କୁ ଏହି ସମ୍ମାନଜନକ ପୁରସ୍କାର ଓ ପ୍ରମାଣପତ୍ର ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏମ ଏନ ଭି ଏସ ପ୍ରଭାକର ଏବଂ ତାଙ୍କ ଦଳ ହସ୍ତାନ୍ତର କରିଥିଲେ । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ତଥା ଆକ୍ଟିଙ୍ଗ ଇଡ଼ି ଶ୍ରୀ ଅନିଲ କୁମାର, ବହୁ ଅନ୍ୟ ସିଜିଏମ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଭୁବନେଶ୍ୱରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଆରଏସପି ପକ୍ଷରୁ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପି ସି ଦାଶ, ପରିବେଶ ପରିଚାଳନା ବିଭାଗର ମ୍ୟାନେଜର ଶ୍ରୀ ହିମାଂଶୁ ମିଶ୍ର ଏବଂ ଏସଏମଏସ-୨ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଯୁଧିଷ୍ଠିର ମହାରଣା ଏହି ପୁରସ୍କାର ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନକାରୀ ଏବଂ ସର୍ବୋତ୍ତମ ପରିବେଶ ଅଭ୍ୟାସ ଗ୍ରହଣ କରିଥିବା ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ ତିଆରିରେ ଆରଏସପିର ପରିବେଶ ଅନୁକୂଳ ପଦକ୍ଷେପ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନରେ ପ୍ରମୁଖ କାରଣ ରହିଥିଲା । ଆରଏସପିର ପ୍ରୟାସଗୁଡିକ ମଧ୍ୟରେ ବାୟୁ ପ୍ରଦୂଷକ ନିର୍ଗମନ ଉପରେ କଠୋର ନିୟନ୍ତ୍ରଣ, ପ୍ରବାହିତ ଜଳର ପ୍ରଭାବଶାଳୀ ପରିଚାଳନା, ବର୍ଜ୍ୟବସ୍ତୁର ସର୍ବାଧିକ ଉପଯୋଗ, ବ୍ୟାପକ ସବୁଜିମାର ବିକାଶ, ଅଭିନବ ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଉନ୍ନତ କରିବା ପାଇଁ ପ୍ରଭାବଶାଳୀ ସିଏସଆର କାର୍ଯ୍ୟଧାରା ଅନ୍ତର୍ଭୁକ୍ତ ରହିଛି ।

# ଜିଲ୍ଲାରେ ବାତଜ୍ୱର ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ ଏବଂ ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲ୍ଲା ସମନ୍ୱୟ କମିଟିର ବୈଠକ

ବାରିପଦା, ୧୧/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଫାଇଲେରିଆ ବା ବାତଜ୍ୱର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଅଛି ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶଙ୍କ ସଂଯୋଜନାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲା ସମନ୍ୱୟ କମିଟିର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥି ସହିତ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ବନ୍ଧରେ ଏହି ସମନ୍ୱୟ କମିଟି ବୈଠକରେ ଆଲୋଚନା କରା ଯାଇଥିଲା । ଜିଲ୍ଲାରେ କିପରି ଫାଇଲେରିଆ ନିଦାନ ପାଇଁ ପଦକ୍ଷେପ ସବୁ ନିଆ ଯାଉଛି ଏବଂ ପ୍ରତ୍ୟେକ ସର୍ବେକ୍ଷଣ ତଥ୍ୟକୁ କିଭଳି




ଉପଯୋଗୀତାର ସହିତ ସମ୍ପାଦନା କର ଯାଉଛି ସେ ବିଷୟରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଦାଶ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏଥିସହିତ ଜିଲ୍ଲାରେ ଚଳିତ ବର୍ଷ କିଭଳି ଭାବରେ ଏହି ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟା ଆରମ୍ଭ ହେବ ସେ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲାରେ ହୋଇଥିବା ସର୍ବେକ୍ଷଣ ତଥ୍ୟକୁ ଆଧାର କରି ଡଃ ଦାଶ କହିଥିଲେ ଯେ ମୁଖ୍ୟତଃ ବହଳଦା, ତିରିଂ, ଡାଟ, ବାଦାମପାହାଡ଼, ବିଜାତଳା, ଜାମଦା ଓ ବ୍ଲକରେ ଫାଇଲେରିଆ ସଂକ୍ରମଣ ମାତ୍ରାଧିକ ଥିବା ବେଳେ, ଏହି ସ୍ଥାନ ମାନଙ୍କରେ କିଭଳି ଏହି ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ ସିନ୍ଧେ ଏହି ସମସ୍ତ ପ୍ରକ୍ରିୟାକୁ ଯଥୋଚିତ ଜନାଦୃତ କରାଇବା ପାଇଁ ଏବଂ ସମସ୍ତ ଅଧିକାରୀ ମାନଙ୍କୁ ସେମାନଙ୍କ କର୍ତବ୍ୟ ଏବଂ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ । ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗର ସଂକ୍ରମଣ କିଭଳି ନ ହେବ ଏବଂ ଏହାର ପୂର୍ବ ଏବଂ ପର ପଦକ୍ଷେପ ପାଇଁ ଜନ ସମ୍ପର୍କ କାର୍ଯ୍ୟକ୍ରମ ମାନ ସଂଯୋଜନା ସହିତ ମଶା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ଯଥା ମଶା ଲାର୍ଭା ଖିଆ ଗମ୍ବୁଶିଆ ମାଛ ପାଳନ, ପାଣି ଜମୁଥିବା ସ୍ଥାନ ମାନଙ୍କରେ ସ୍ୱଚ୍ଛତା, ଅପରିଷ୍କାର ଜଳ ନିଷ୍କାସନ, କୀଟନାଶକ ଔଷଧ ସିଞ୍ଚନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କହିଥିଲେ । ସୂଚନା ଥାଉକି ଚଳିତ ବର୍ଷ, ଜନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ, ଜିଲ୍ଲାରେ ୨୮,୫୭,୦୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଏହି ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାରେ ସାମିଲ କରାଇବା ପାଇଁ ପ୍ରଶାସନ ଉଦ୍ୟମ କରିଛି । ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଥି ସହିତ ସମ୍ପ୍ରଦାୟ ସଚେତନତା ମାଧମରେ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ । ଉକ୍ତ ବୈଠକରେ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଶାନ୍ତନୁ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଆଇ ଏ ଏସ ପ୍ରୋବେସନର ଅଶନୀ ଏ ଏଲ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠି,ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସ୍ୱାସ୍ଥ୍ୟ ପ୍ରକଳ୍ପ ବ୍ୟବସ୍ଥାପକ, ଶ୍ରୀ ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ସମେତ ଜିଲ୍ଲାର ପ୍ରମୁଖ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବ୍ୟାଟେରି ଚାଳିତ ରିକ୍ସାଟିଏ ଖୋଜୁଛନ୍ତି ଭିନ୍ନକ୍ଷମ କନ୍ୟା ‘କାପୁରା’

ଉଦଳା , ୧୧/୬ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ବାଇଧର ହାଁସଦାଙ୍କ କନ୍ୟା ‘କାପୁରା’ ପିଲାଟି ଦିନରୁ ପୋଲିଓ ରୋଗରେ ଆକ୍ରାନ୍ତ ହେବା ଫଳରେ ଗୋଟିଏ ଗୋଡ଼ ଓ ଗୋଟିଏ ହାତ ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଛି । କାପୁରାଙ୍କୁ ବର୍ତମାନ ବୟସ ୨୭ ବର୍ଷ ଛୁଇଁଥିବା ବେଳେ ଡ଼ାକ୍ତର ତାଙ୍କୁ ୭୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ତେବେ କାପୁରା ଏଣେତେଣେ ଯିବା ଆସିବା ପାଇଁ ଏକ ବ୍ୟାଟେରି ଚାଳିତ ରିକ୍ସା



ଖୋଜୁଛନ୍ତି । ଏଥିପାଇଁ ସେ ପଂଚାୟତ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି ତାଙ୍କର ଗୁହାରି କର୍ଣ୍ଣପାତ କରୁନଥିବାର କଥା ଗଣମାଧ୍ୟମକୁ ଜଣାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ତୀର୍ଥଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା : ଆତଙ୍କବାଦୀଙ୍କ ତଲାସ୍ ରେ ୧୧ ଟିମ୍

ରିୟାସିନୂଆଦିଲ୍ଲୀ, ୧୧/୬ : ଶିବଖୋଡି ଅଭିମୁଖେ ଯାଉଥିବା ତୀର୍ଥଯାତ୍ରୀଙ୍କ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଆତଙ୍କବାଦୀ ମାନଙ୍କ ତଲାସ୍ ପାଇଁ ଅଭିଯାନକୁ ଜୋରଦାର୍ କରିଛି । ସେନା ଓ ସିଆରପିଏଫ ର ୧୧ଟି ଟିମ୍ ରିୟାସି ଜଙ୍ଗଲରେ ଘେରାବନ୍ଦୀ କରିଛନ୍ତି । ଆକ୍ରମଣ ପରେ ଆତଙ୍କବାଦୀ ମାନେ ଏହି ଜଙ୍ଗଲ ଆଡକୁ ପଳାୟନ କରିଥିଲେ । ଏହି ଆତଙ୍କବାଦୀ ମାନଙ୍କୁ ଧରିବା ପାଇଁ ସେଠାରେ କମାଣ୍ଡୋଙ୍କୁ ସର୍ଚ୍ଚ ଅପରେସନରେ ଲଗାଯାଇଛି । ଡ୍ରୋନ୍ ସହାୟତାରେ ତଲାସୀ ଅଭିଯାନ ଜାରି ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ରବିବାର ଜମ୍ମୁ-କାଶ୍ମୀରର ଶିବଖୋଡି ଅଭିମୁଖେ ଯାଉଥିବା ତୀର୍ଥଯାତ୍ରୀଙ୍କ ବସ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo